## ସଂକ୍ଷେପରେ

### ଶିକ୍ଷକଙ୍କ ବାଡ଼ିରେ ଫୁଟିଛି ବ୍ରହ୍ମ କମଳ



କୁତ୍ରା, ୪।୯ (ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବିଭୀଷଣ ବାରିକଙ୍କ ଘର ବାଡ଼ିରେ ଫୁଟିଛି ବ୍ରହ୍ମ କମଳ। ଏହି ବ୍ରହ୍ମ କମଳ ପୁଷ୍ପ ହେଉଛି ଏକ ଦିବ୍ୟ ପୁଷ୍ପ। ପୁରାଣରେ ଏହାକୁ ନେଇ ବହୁ ଗୁଡାଏ ବର୍ଣ୍ଣନା ରହିଛି। କିଛି ବର୍ଷ ତଳେ ବାରିକଙ୍କ ବାଡିରେ କିଛି ପାରିଜାତ ପୁଷ୍ପ ଫୁଟିଥିଲା ବେଳେ ଆଜି ତାଙ୍କ ବାଡିରେ ବ୍ରହ୍ମ କମଳ ପୁଷ୍ପ ଫୁଟିଛି। ସପରିବାର ଫୁଲଟିକୁ ପୂଜାର୍ଚ୍ଚନା କରିଥିଲେ। ସେ ତାଙ୍କ ବିଦ୍ୟାଳୟରେ ମଧ ରୁଦ୍ରାକ୍ଷ ଗଛ ଲଗାଇଥିଲେ। ଏଥିରେ ଫଳ ଆସି ସାରିଛି। ଏଭଳି ଭାବେ ସେ ଅତ୍ୟନ୍ତ ଦୁର୍ଲଭ ଗଛଗୁଡିକୁ ଲଗାଇ ସବୁବେଳେ ଗବେଷଣାରତ ଥାନ୍ତି। ସେ ତାଙ୍କ ବାଡିରେ ଛୋଟିଆ ଉଦ୍ୟାନ କରିଛନ୍ତି।

### ୨୬ ଘଣ୍ଟା ଅନ୍ଧାରରେ କନିକା ଅଞ୍ଚଳ

ହେମଗିର,୪।୯(ଡି.ଏନ୍.ଏ.): ପ୍ରାୟ ୨୬ଘଣ୍ଟାରୁ ଊର୍ଦ୍ଧ୍ୱ ହେବ ଅନ୍ଧାରରେ ରହିଥିଲା ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକର କନିକା ଅଞ୍ଚଳ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶନିବାର ଦିନ ୧୧ଟାରୁ ବିଦ୍ୟୁତ୍ କାଟ୍ ହୋଇଥିବାବେଳେ ରବିବାର ଦିନ ୧ଟା ପରେ ବିଦ୍ୟୁତ୍ ଯୋଗାଣ ହୋଇଥିଲା। ୨୬ ଘଣ୍ଟାରୁ ଅଧିକ ବିଦ୍ୟୁତ୍ ନ ଥିବାରୁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବିଦ୍ୟୁତ୍ ବିଭ୍ରାଟ ହେମଗିର, କନିକା, ବିଲେଇମୁଣ୍ଡା ଆଦି ବିଭିନ୍ନ ଅଞ୍ଚଳରେ ଏକ ନିତିଦିନିଆ ଘଟଣା ହୋଇଛି। ଏନେଇ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଲଖନପୁର ବ୍ଲକ୍ ସରପଞ୍ଚ ସଂଘ ଗଠିତ

ଝାରସୁଗୁଡା ଅଫିସ୍,୪।୯: ଚଳିତବର୍ଷ ତ୍ରିସ୍ତରୀୟ ନିର୍ବାଚନ ପରେ ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍‌ର ନବନିର୍ବାଚିତ ସରପଞ୍ଚଙ୍କୁ ନେଇ ରମ୍ଭାଲୁଗା ପିକ୍‌ନିକ୍ ସ୍ଥଳରେ କୁଶ୍ରାଲୋଇ ସରପଞ୍ଚ ରଘୁମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ସରକାରୀ ଯୋଜନାକୁ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ନବନିର୍ବାଚିତ ସରପଞ୍ଚମାନଙ୍କୁ ନେଇ ଏକ ସଂଘ ଗଠନ ପାଇଁ ପ୍ରସ୍ତାବ ନିଆଯାଇଥିଲା। ଏନେଇ ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିମଧ୍ୟରେ କୁଶ୍ରାଲୋଇ ସରପଞ୍ଚ ରଘୁମଣି ପ୍ରଧାନ ସଭାପତି, କନକତୋରା ସରପଞ୍ଚ ସୁଶାନ୍ତ କୁମାର ଚଇନି ଓ ବଞ୍ଜାରୀ ସରପଞ୍ଚ ସୀମା ସାହୁ ଉପସଭାପତି, ଅତିବାରା ସରପଞ୍ଚ ସଞ୍ଜିତ ପ୍ରଧାନ ସମ୍ପାଦକ, ଲଖନପୁର ସରପଞ୍ଚ ଆରତୀ ପ୍ରଧାନ ସହ ସମ୍ପାଦକ, ଜାମଗାଁ ସରପଞ୍ଚ ଗୋପୀନାଥ ସାଏ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନେ ସମସ୍ତ ସଦସ୍ୟମାନଙ୍କୁ ନେଇ ବ୍ଲକ୍‌ର ସାମୂହିକ ବିକାଶ ଦିଗରେ ବିଶେଷ ଗୁରୁତ୍ୱାରୋପ କରିବେ ବୋଲି କହିଛନ୍ତି।

# ୯ ମହିଳା କଲେ ମହାଆଳତି

ଦେବଗଡ଼,୪।୯(ଡି.ଏନ୍.ଏ.)

ଦେବଗଡ଼ର ପ୍ରସିଦ୍ଧ ଗଣେଶ ପୂଜା ରବିବାର ପଞ୍ଚମ ଦିନରେ ପହଞ୍ଚିଛି। ଚଳିତବର୍ଷ ପୂଜା ଧୁମଧାମ୍‌ରେ ହେଉଥିବାବେଳେ ପୂଜାର ପଞ୍ଚମ ସନ୍ଧ୍ୟାରେ ମଧ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ତେବେ ରବିବାର ସନ୍ଧ୍ୟାରେ ମହାପ୍ରଭୂ ପୂଜା ପାଉଥିବା ମଣ୍ଡପରେ ମହିଳାମାନେ ଆଳତୀ ଦେଇଥିଲେ। ସେଥିମଧ୍ୟରେ ୯ଜଣ ମହିଳା ମହାଆଳତୀ କରିଥିଲେ। ମହାଆଳତୀ କରିଥିବା ୯ ମହିଳା ଏକାପ୍ରକାର ଶାଢି ପିନ୍ଧିଥିଲେ। ପୂଜା ଓ ଆଳତୀ ଦେଖିବାକୁ ଲୋକଙ୍କ ଗହଳି ହୋଇଥିଲା। ମହାଆଳତୀ ସମୟରେ ଏକ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ଗଣେଶ ମେଳାର ଆୟୋଜକ ଦେବଗଡ଼ ଜିଲା ବ୍ୟବସାୟିକ ଅନୁଷ୍ଠାନ ସଭାପତି ଶମ୍ଭୁନାଥ ଗୋଏଲ, ସମ୍ପାଦକ ଶୁକଦେବ ଭଞ୍ଜ, ସହ ସମ୍ପାଦକ ପତିତପାବନ ସାହୁ, କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହା ସହିତ କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ଗୋପବନ୍ଧୁ ଛକଠାରେ ସାଂସ୍କୃତିକ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନପାଟସ୍ଥିତ ବଡବଗିଚାଠାରେ ଚକଲେଟ ରଙ୍ଗମଞ୍ଚ ଟିକେଟ ସୋ ଅପେରାରେ ରବିବାର ‘ଜିଇଁବା ମରିବା ସବୁ ସମାନ’ ନାଟକ ମଞ୍ଚସ୍ଥ ହୋଇଥିଲା। ଏହା ସହିତ ଫ୍ରି’ ସୋ ଅପେରାର ଦର୍ଶକମାନେ ମଧ ମଜା ଉଠାଇଥିଲେ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରବିବାର ମଧ୍ୟ ମୀନାବଜାରରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା।



ଦେବଗଡ଼ ଗଣେଶ ପୂଜାରେ ୯ ମହିଳା ମହାଆଳତି କରୁଛନ୍ତି।

**ଦେବଗଡ଼ର ପ୍ରସିଦ୍ଧ ଗଣେଶ ପୂଜାର ପଞ୍ଚମ ସନ୍ଧ୍ୟା**

# କୁଆଁରମୁଣ୍ଡାରେ ଅହିଂସା ରଥକୁ ଭବ୍ୟ ସମ୍ବର୍ଦ୍ଧନା

କୁଆଁରମୁଣ୍ଡା, ୪।୯ (ଡି.ଏନ.ଏ.)

ସାମାଜିକ ପ୍ରଗତି ପାଇଁ ଶାନ୍ତି ଅପରିହାର୍ଯ୍ୟ। ସମସ୍ତ ନିର୍ବାଚିତ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ଓ ସମାଜସେବୀ ଏକ ହିଂସାମୁକ୍ତ ସମାଜ ଗଠନ ନିମନ୍ତେ ଉଦ୍ୟମ କରିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ରବିବାର କୁଆଁରମୁଣ୍ଡା ବ୍ଲକରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ କରାଯିବା ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥିଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେର୍କେଟା, ଉପାଧ୍ୟକ୍ଷା ସୁନିତା ଅହିର, ଜିଲାପରିଷଦ ସଭ୍ୟ ନେଭିଲ କେର୍କେଟା, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା, କୁଆଁରମୁଣ୍ଡା ବିଡିଓ ତୃପ୍ତି ବରେଇ, ବିଇଓ ସଦାନନ୍ଦ ପଧାନ, ରାଉରକେଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫଟିମା ଏକ୍କା ପ୍ରମୁଖ ଉପସ୍ଥିତ ରହି ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଏଲଇଡି ପ୍ରୋଗ୍ରାମକୁ ଉପସ୍ଥିତ ମିଶନଶକ୍ତି ଓ ସ୍ଥାନୀୟ ବିଦ୍ୟାଳୟଗୁଡିକର ଛାତ୍ରୀଛାତ୍ରଙ୍କ ସହ ଅଞ୍ଚଳବାସୀ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୁଆଁରମୁଣ୍ଡା ବ୍ଲକ ଜୀବିକା ମିଶନ ସଂଯୋଜିକା ରଶ୍ମିତା ବେହେରା ପରିଚାଳନା କରିଥିଲେ। ଅହିଂସା ରଥ ପାନପୋଷ ଉପଖଣ୍ଡର ସର୍ବପ୍ରଥମେ କୁଆଁରମୁଣ୍ଡା ବ୍ଲକରେ ପହଞ୍ଚିବା ପୂର୍ବରୁ ପଦମପୁର ପଞ୍ଚାୟତର ଜମୁନାନାକିରେ ଏସ୍‌ଏଚଜି ମହିଳାଙ୍କ ସହ ଏବିଡିଓ ପ୍ରଶାନ୍ତ ଜେନା, ବ୍ଲକ ଜୀବିକା ମିଶନ ବିପିଏମ ପ୍ରସନ୍ନ ମୋଦି, ପିଇଓ ଦେବବ୍ରତ ଦାସ, ସରପଞ୍ଚ ଦିଲ୍ଲୀପ ଏକ୍କା, ସମିତି ସଭ୍ୟ ଖଗେଶ୍ୱର ଅମାତ ସ୍ୱାଗତ କରିଥିଲେ।

# ଅଠରଗଡ଼ ଫୁଲମାଳି ସମାଜର ନୂଆଁଖାଇ ଭେଟ୍‌ଘାଟ୍



ଅଠରଗଡ଼ ଫୁଲମାଳି ସମାଜର ନୂଆଁଖାଇ ଭେଟଘାଟ୍‌ରେ ସାମିଲ କର୍ମକର୍ତ୍ତା, ଅତିଥି।

ସୁନ୍ଦରଗଡ଼, ୪।୯ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଅରଣ୍ୟନଗରଠାରେ ଅଠରଗଡ଼ ଫୁଲମାଳି ସମାଜର ନୂଆଁଖାଇ ଭେଟଘାଟ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ମଣ୍ଡଳର ଉପସଭାପତି ରାଜୁ ପଟେଲଙ୍କ ସଭାପତିତ୍ୱରେ ସମାଜର ସଭାପତି ରଘୁମଣି ପଟେଲ ମୁଖ୍ୟଅତିଥି ଭାବେ ଯୋଗଦାନ କରି ସମାଜର ଏକତା ଓ ଅଖଣ୍ଡତା ରକ୍ଷା କରିବା ସମସ୍ତ ଜାତିଭାଇଙ୍କ ମୁଖ୍ୟ ଭୂମିକା ରହିବା ଅତ୍ୟନ୍ତ ଜରୁରୀ ବୋଲି ମତଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଏବଂ ଛତିଶଗଡ଼ ରାଜ୍ୟର ସାହାଯ୍ୟକାରୀ ସଭାପତି ଟଙ୍କଧର ମାଝୀ, ସେବକରାମ ପଟେଲ, ପୂର୍ବତନ ସାହାଯ୍ୟକାରୀ ସଭାପତି ରଘୁବୀର ପାଣ୍ଡେ, ଝାରସୁଗୁଡା ମଣ୍ଡଳ ଉପସଭାପତି ଖେଳାକର ପାଣ୍ଡେ, ସମ୍ବଲପୁର ଉପସଭାପତି ନୃପମଣି ପଟେଲ, ବରଗଡ଼ ଉପସଭାପତି ଦୀନବନ୍ଧୁ ପଟେଲ, ଛତିଶଗଡ ରାଜ୍ୟର ସାରଙ୍ଗଗଡ଼ ମଣ୍ଡଳ ଉପସଭାପତି ପରସରାମ ପଟେଲ, ସରିଆ ଉପସଭାପତି କ୍ଷୀରୋଦ୍ର ପାଣ୍ଡେ, ଆଡ଼ବାହାଲ ସମାଜସେବୀ ରାମଲାଲ ପଟେଲ, କୋଡାସିଆଁ ସମାଜସେବୀ ଅଭୟ ପଟେଲ, ପୂର୍ବତନ ଉପସଭାପତି ତ୍ରିବିକ୍ରମ ପାଣ୍ଡେ ପ୍ରମୁଖ ଯୋଗଦାନ କରି ନୂଆଁଖାଇ ପର୍ବର ମହତ୍ତ୍ୱ ଉପରେ ଭିନ୍ନ ଭିନ୍ନ ଦିଗରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସମାଜର ଆରାଧ ଦେବୀ ମା’ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସମାଜର ନୀତିନିର୍ଘଣ୍ଟ ଅନୁଯାୟୀ ମା’ସମଲେଶ୍ୱରୀଙ୍କ ନିକଟରେ ନୂଆଚାଉଳକୁ ପୂଜା କରାଯାଇ ସମସ୍ତେ ନବାନ୍ନ ଭକ୍ଷଣ କରିଥିଲେ। ସମାଜର ମହିଳାମାନଙ୍କ ଦ୍ୱାରା ତିଆରି କରାଯାଇଥିବା ବିଭିନ୍ନ ପ୍ରକାର ପିଠାପଣା ଖାଇ ସମସ୍ତେ ଖୁସି ଅନୁଭବ କରିଥିଲେ। ନବାନ୍ନ ଭକ୍ଷଣ ପରେ ପରମ୍ପରା ଅନୁଯାୟୀ ପରସ୍ପର ମଧ୍ୟରେ ଜୁହାର ଭେଟ ହୋଇଥିଲେ। କାର୍ଯ୍ୟକ୍ରମରେ ସମାଜର କୁନିକୁନି ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁନ୍ଦରଗଡ଼ ଅଞ୍ଚଳାଧିକାରୀ ବନମାଳୀ ପଟେଲ ଆୟୋଜନ କରିଥିଲେ। ଫିରୋଜ କୁମାର ପଟେଲ, ଅନନ୍ତ ପାଣ୍ଡେ, ରାଧାରମଣ ପଟେଲ, ଉଦିତ କୁମାର ପଟେଲ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ମଙ୍ଗସପୁର ଅଞ୍ଚଳାଧିକାରୀ ଅନନ୍ତରାମ ପଟେଲ ଏବଂ ସୁନ୍ଦରଗଡ଼ ମଣ୍ଡଳର ସମସ୍ତ ଗାଦୀ ସରପଞ୍ଚ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏଥିରେ ଓଡିଶା ଏବଂ ଛତିଶଗଡ ରାଜ୍ୟର ବହୁ ସଂଖ୍ୟାରେ ଜାତି ଭାଇ ଭାଗ ନେଇଥିଲେ।

## ଅହିଂସା ରଥକୁ ସ୍ୱାଗତ

ବଡ଼ଗାଁ, ୪।୯ (ଡି.ଏନ.ଏ.)

ବଡ଼ଗାଁରେ ଅହିଂସା ରଥକୁ ସ୍ୱାଗତ କରାଯିବା ସହିତ ଏହି ଉପଲକ୍ଷେ ଆଇଟିଆଇ ପରିସରରେ ସଭା ଅନୁଷ୍ଠିତ ହୋଇଯାଇଛି। ଅହିଂସା ରଥ ଆଇଟିଆଇ ସମ୍ମୁଖକୁ ଆସିଲା ପରେ ବିଡ଼ିଓ କ୍ଷମାନିଧି ଭୋଇ, ସୁନ୍ଦରଗଡ ଡ଼ିଆଇପିଆରଓ ନନ୍ଦିନୀ ମୁଣ୍ଡାରୀ, ଅତିରିକ୍ତ ତହସିଲଦାର ବିନୟ କୁଲୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମହେଶ୍ୱର ମଲ୍ଲିକ, ଆଇଟିଆଇ ନିର୍ଦ୍ଦେଶକ ଡ଼ା ଅରୁଣ କୁମାର ନାୟକ, ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଭାଇସ ଚେୟାରମେନ ରଶ୍ମିତା ପଟେଲଙ୍କ ସହିତ ସରକାରୀ କର୍ମଚାରୀ, ଏସ୍‌ଏଚଜି ମହିଳା, ନିର୍ବାଚିତ ଜନପ୍ରତିନିଧି ସ୍ୱାଗତ ଜଣାଇ ଥିଲେ। ଏହାପରେ ଆଇଟିଆଇ ପରିସରରେ ବିଡ଼ିଓ ଭୋଇଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଆଇଟିଆଇର କର୍ମଚାରୀ ମଧୁସ୍ମିତା ସାମଲ ଓ ଛାତ୍ରୀମାନେ ‘ବନ୍ଦେ ଉତ୍କଳ ଜନନୀ’ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଗୋଶାଳା ସ୍ଥାନାନ୍ତର ମସୁଧାକୁ ବିରୋଧ

ରାଜଗାଙ୍ଗପୁର, ୪।୯ (ଡି.ଏନ.ଏ.)

ପଶ୍ଚିମାଞ୍ଚଳ ବିଶ୍ୱହିନ୍ଦୁ ପରିଷଦ ସଭାପତି ଡାକ୍ତର ରାଜକୁମାର ବଡପଣ୍ଡା ରାଜଗାଙ୍ଗପୁରରେ ଉପସ୍ଥିତ ରହି ଶନିବାର ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ରାଜଗାଙ୍ଗପୁର କୋର୍ଟ ନିକଟରେ ଥିବା ଗୋଶାଳା ସ୍ଥାନାନ୍ତର ପାଇଁ ସୁନ୍ଦରଗଡ଼ ଜିଲା ପ୍ରଶାସନ ଦ୍ୱାରା ଚାଲିଥିବା ମସୁଧାକୁ ତୀବ୍ର ବିରୋଧ କରିଛନ୍ତି। ସେ କହିଥିଲେ ଯେ, ଗୋ ମାତାକୁ ବିଶ୍ୱହିନ୍ଦୁ ପରିଷଦ ମା ଭାବେ ଗ୍ରହଣ କରିଛି। ଗୋ ମାତାର ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଶ୍ୱହିନ୍ଦୁ ପରିଷଦ ସଦା ତତ୍ପର। ଗୋ ମାତାର ସୁରକ୍ଷା ଓ ସଂରକ୍ଷଣ ଉପରେ ଆଞ୍ଚ ଆସିବା ପରି କୌଣସି କାର୍ଯ୍ୟକୁ ତୀବ୍ର ବିରୋଧ କରୁଛୁ। ଭବିଷ୍ୟତରେ ଯଦି ଦରକାର ପଡିବ ଆମେ ଆନ୍ଦୋଳନ କରିବୁ ବୋଲି କହିଥିଲେ। ତେଣୁ ଗୋଶାଳା ଯେଉଁ ସ୍ଥାନରେ ବର୍ତ୍ତମାନ ଅଛି, ସେହି ସ୍ଥାନରେ ରହୁ ବୋଲି ମତ ରଖିଥିଲେ। ଖବରଦାତା ସମ୍ମିଳନୀରେ ତାଙ୍କ ସହିତ ପଶ୍ଚିମାଞ୍ଚଳ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଗାନ୍ଧୀ, ପଶ୍ଚିମାଞ୍ଚଳ କୋଷାଧ୍ୟକ୍ଷ କମଳ ଅଗ୍ରୱାଲ, ଧର୍ମ ପ୍ରସାରଣ ମୁଖ୍ୟ ବିଶ୍ୱମ୍ଭର ନାଥ ମିଶ୍ର ଓ ଅନ୍ୟମାନେ ରହିଥିଲେ।




ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ବିଶ୍ୱହିନ୍ଦୁ ପରିଷଦ ସଭାପତି ଓ ଅନ୍ୟମାନେ।

# ଗୋମାଂସ ବୋଝେଇ ସ୍କୁଟି ଜବତ, ଜଣେ ଗିରଫ

ରାଉରକେଲା ଅଫିସ,୪।୯

ଗୋମାଂସ ଚାଲାଣ ବେଳେ ବ୍ରାହ୍ମଣୀତରଙ୍ଗ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ରାଜଗାଙ୍ଗପୁର ଅଞ୍ଚଳର ମୁକ୍ତାର ଆଲାମ(୨୭)। ତାଙ୍କଠାରୁ ଗୋମାଂସ ବୋଝେଇ ଏକ ସ୍କୁଟି ଜବତ କରାଯାଇଛି। ପୋଲିସ ଏକ ମାମଲା (ନଂ.୧୬୨।୨୨) ରୁଜୁ କରି ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ରାଜଗାଙ୍ଗପୁର ସ୍ଥିତ ସୁବାସ ଛକର ମୁକ୍ତାର ରବିବାର ମଧାହ୍ନ ୧୨ଟାରେ ଏକ ସ୍କୁଟି (ନଂ.ଓଆର୧୪ଆର/୮୫୮୯) ଯୋଗେ ଗୋମାଂସ ଧରି ରାଉରକେଲା ନାଲାରୋଡ୍ ଅଭିମୁଖେ ଯାଉଥିଲେ। ଏହି ସମୟରେ ବେଦବ୍ୟାସ ଟିସିଆଇ ଛକରେ ପାଟ୍ରୋଲିଂ କରୁଥିବା ପୋଲିସକୁ ଦେଖି ମୁକ୍ତାର ରାସ୍ତା ଉପରେ ସ୍କୁଟିକୁ ଛାଡି ଫେରାର ହୋଇଯାଇଥିଲେ। ପୋଲିସ ପିଛା କରି ତାଙ୍କୁ କାବୁ କରିଥିଲା। ଯାଞ୍ଚ ବେଳେ ମୁକ୍ତାରଙ୍କ ସ୍କୁଟି ଡିକି ଭିତରୁ ଏକ ଅଖାରେ ୩୦ କେଜି ଗୋଂସାମ ଜବତ ହୋଇଥିଲା।

# କଳାକାରଙ୍କ ନୃତ୍ୟ ଦର୍ଶକଙ୍କ ମନମୋହିଲା

ଝାରସୁଗୁଡା ଅଫିସ୍,୪।୯

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ପଞ୍ଚଗାଁ କୁଲ୍ ବଏଜ୍ ଗ୍ରୁପ୍ ତରଫରୁ ସ୍ଥାନୀୟ ଦୁର୍ଗା ମଣ୍ଡପରେ ଅନୁଷ୍ଠାନର ସଭାପତି ଦ୍ୱିତୀୟ ଭୋଇଙ୍କ ଅଧ୍ୟକ୍ଷତାରେ ନୂଆଁଖାଇ ଭେଟ୍‌ଘାଟ୍ ହୋଇ ଯାଇଛି। ପଞ୍ଚଗାଁ ପ୍ରାଥମିକ ସ୍କୁଲ୍ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରାହିକର ମିଶ୍ର, ସରପଞ୍ଚ ମୁକେଶ ବାରିକ, ସମିତି ସଭ୍ୟ ରୋହିତ ଧୁରୁଆ, ପଲସଦା ଉଚ୍ଚ ପ୍ରାଥମିକ ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଶ ବିଶ୍ୱାଳ, ଦୟାକର ପ୍ରଧାନ, ସୁଦାମ ପ୍ରଧାନ, ଇନ୍ଦ୍ରମଣି ପ୍ରଧାନ, କିଶୋର ବାରିକ, ସୁରେଶ ନନ୍ଦେ, ପ୍ରସନ୍ନ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ସଭାକୁ ଅଜୟ ପାଣ୍ଡେ ପରିଚାଳନା କରିଥିଲେ। ଆୟୋଜକ ଗ୍ରୁପ୍‌ର ବରିଷ୍ଠ ସଦସ୍ୟ ଡ.ସୁବ୍ରତ ପ୍ରଧାନ ସଙ୍ଗଠନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟପକ୍ଷେ ଗ୍ରୁପ୍‌ର ସଭାପତି ଭୋଇ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ବୃକ୍ଷରୋପଣ, ରକ୍ତଦାନ ଶିବିର, ପାଠାଗାର ଖୋଲିବା ଆଦି ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ହୋଇଥିଲା । ଆୟୋଜକ କମିଟିର ସଦସ୍ୟ ସୁମନ୍ତ ପ୍ରଧାନ, ଅକ୍ଷୟ ଭୋଇ, ଅଶୋକ ପ୍ରଧାନ, ସତ୍ୟାନନ୍ଦ ସାହୁ, କୃଷ୍ଣ ବେହେରା, ସଦାନନ୍ଦ ବେହେରା, ଜତିନ ଗୋଏଲ, ଶିବାନ୍ଦ ବେହେରା ପ୍ରମୁଖ ସହଯୋଗ କରିଥିଲେ । ରଞ୍ଜନ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ ।



ଅତିଥିମାନଙ୍କ ଗହଣରେ ପ୍ରତିଯୋଗୀ କଳାକାରମାନେ ।

# ଇବ୍‌ନଗର ଗଣେଶ ପୂଜା କମିଟି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ



ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇଥିବା ପିଲାଙ୍କୁ ପୁରସ୍କୃତ କରାଯାଉଛି।

ସୁନ୍ଦରଗଡ଼, ୪।୯ (ଡି.ଏନ୍.ଏ.)

ଦୀର୍ଘ ପ୍ରାୟ ୨ବର୍ଷ ପରେ କରୋନା ମହାମାରୀ କଟକଣା ଉଠିବା ପରେ ସମସ୍ତଙ୍କ ମନରେ ଏକ ଆନନ୍ଦ ଉଲ୍ଲାସର ମାହୋଲ ପରିଲକ୍ଷିତ ହୋଇଛି। ପୂଜା ସାଂସ୍କୃତିକ କାର୍ଯ୍ୟକ୍ରମ ଧୁମ୍‌ଧାମରେ ହେଉଛି। ଏହିଅବସରରେ ଆର୍‌ଆର୍‌ଆଇଟି କଲୋନୀ ଇବ୍ ନଗର ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଗଣେଶ ପୂଜା କମିଟି ତରଫରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବର୍ଗର ପିଲାମାନେ ଭାଗ ନେଇଥିଲେ ଓ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ୱାର୍ଡ ମେମ୍ବର ଭାରତୀ ପଟେଲ, ସ୍ଥାନୀୟ ସୃଜନୀର କର୍ମକର୍ତ୍ତା ଅଜିତ ପ୍ରସାଦ, ତାରାଚାନ୍ଦ ପଟେଲ, ଡ.ଲବଣୀଧର ଦାନୀ, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ନରେନ୍ଦ୍ର କୁମାର ଦାଶ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ପରେ ସ୍ଥାନୀୟ ଅଞ୍ଚଳର ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସୁନ୍ଦରଗଡ (ରଙ୍ଗାଡିପା) ଅଞ୍ଚଳର ସିଦ୍ଧି ବିନାୟକ ଡ୍ୟାନ୍ସ ଅକାଦେମୀର ଗୋପାଳ ବାବୁ (ଏଡି ବାବୁ)ଙ୍କ ଦ୍ୱାରା ଡାନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କ ପାଇଁ କମିଟି ତରଫରୁ ସାମୂହିକ ଭୋଜନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ କମିଟିର ଅସ୍ମିତ ପଟେଲ, ବିଭୂତି ନାଏକ, ମାନସ ରଞ୍ଜନ ଦାଶ, ଆଦିତ୍ୟ ଦାନି, ଅଶୋକ ସାହୁ, ଜୟନ୍ତ ନାୟକ, ରାଜୀବ ଲୋଚନ ଆଚାର୍ଯ୍ୟ, କାହ୍ନା ମହାନ୍ତି, ତପନ ସାହୁ, ବିକ୍ରମ ସାହୁ, ଅମିତ ପଟେଲ, ସୁବ୍ରତ ପଟେଲ, ପ୍ରିୟବ୍ରତ ବେହେରା, ବିଜୁ ନାଏକ, ପଲ୍ଲ ପଟେଲ, ସୁକାନ୍ତ ପଟେଲ, ଦିବାକର ଭୋଇ, ରୋଶନ ପଟେଲ, ସୁରଜ ବେହେରା, ଶୁଭମ ପଟେଲ, ବିକାଶ ବାର୍ଲା, ସଞ୍ଜୟ ବୁଖରା, ସିମ୍ପନ ନନ୍ଦ, ସୌରଭ ସାଗର, ଲକି ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରିଥିଲେ।

# ମାଣ୍ଡିଆ ଲଡୁ କାର୍ଯ୍ୟକ୍ରମକୁ ନୀତି ଆୟୋଗଙ୍କ ପ୍ରଶଂସା

ସୁନ୍ଦରଗଡ଼, ୪।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ ସାନ ପିଲାଙ୍କ ପୋଷଣ ପାଇଁ ସରକାରଙ୍କ ପକ୍ଷରୁ ଚାଲିଥିବା ମାଣ୍ଡିଆ ଲଡୁ କାର୍ଯ୍ୟକ୍ରମକୁ ନୀତି ଆୟୋଗ ପ୍ରଶଂସା କରିଛନ୍ତି। ପିଲାଙ୍କ ପୋଷଣ ସହ ଏହା ସ୍ଥାନୀୟ ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଜୀବିକାକୁ ସୁନିଶ୍ଚିତ କରୁଥିବା ବିଷୟ ଆୟୋଗ ଏହାର ଏକ ସର୍ବଭାରତୀୟ ରିପୋର୍ଟରେ ଦର୍ଶାଇଛନ୍ତି। କେନ୍ଦ୍ର ସରକାରଙ୍କ ନୀତି ଆୟୋଗଙ୍କ ପକ୍ଷରୁ ନିକଟରେ ପ୍ରକାଶିତ ‘ଟେକ ହୋମ ରାଶନ -ଗୁଡ ପ୍ରାକ୍ଟିସେସ ଆକ୍ରସ ଦ ଷ୍ଟେଟସ/ୟୁନିୟନ ଟେରିଟୋରିଜ’ ଶୀର୍ଷକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ କୋଭିଡ୍ ସମୟରେ ସୁନ୍ଦରଗଡ଼ ଜିଲାରେ ଅଙ୍ଗନୱାଡ଼ି ମାଧ୍ୟମରେ ପିଲାଙ୍କ ଘରେ ଘରେ ‘ମାଣ୍ଡିଆ ଲଡୁ ମିକ୍ସ’ ଦିଆଯିବା ବିଷୟ ଉଲ୍ଲେଖ କରାଯାଇଛି।

ଏହି ରିପୋର୍ଟକୁ ସ୍ୱାଗତ କରି ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି କହିଛନ୍ତି, ‘ପିଲାମାନଙ୍କ ଶାରୀରିକ ଓ ମାନସିକ ବିକାଶ କ୍ଷେତ୍ରରେ ପୋଷଣ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ତେଣୁ ଜିଲାରେ ଅଙ୍ଗନୱାଡ଼ି ମାଧ୍ୟମରେ ପିଲାଙ୍କୁ ନିୟମିତ ମାଣ୍ଡିଆ ଲଡୁ ଦିଆଯାଇ ସେମାନଙ୍କ ସ୍ୱାସ୍ଥ୍ୟର ମୂଳଦୁଆକୁ ସଶକ୍ତ କରିବା ଲାଗି ଏହି କାର୍ଯ୍ୟକ୍ରମ ଚାଲିଛି। ଜିଲାରେ ମାଣ୍ଡିଆ ଉତ୍ପାଦନ ବଢ଼ାଇ ଚାଷୀମାନଙ୍କୁ ପରିଶ୍ରମର ଉଚିତ ମୂଲ୍ୟ ପ୍ରଦାନ ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଜୀବିକା ବିକାଶ ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି। ସୁନ୍ଦରଗଡ଼ ଜିଲାରେ ଅଙ୍ଗନୱାଡ଼ି ଶିଶୁଙ୍କ ଅତିରିକ୍ତ ପୋଷଣ ଲାଗି ମାଣ୍ଡିଆ ଲଡୁ ପ୍ରଦାନ କରାଯାଉଛି। ଜିଲାରେ ମିଶନ ଶକ୍ତିର ମହିଳାମାନେ ଏହି ମାଣ୍ଡିଆ ଲଡୁ ମିକ୍ସ ତିଆରି କରୁଛନ୍ତି। ତେଣୁ ଏହି କାର୍ଯ୍ୟକ୍ରମ ଜିଲାରେ ପିଲାଙ୍କ ପୋଷଣ ସହ ଚାଷୀମାନଙ୍କର ଆୟ ବଢ଼ାଇବା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଜୀବିକା ପାଇଁ ଏକ ନୂଆ ବାଟ ଖୋଲିଦେଇଛି। ବର୍ତ୍ତମାନ ୩୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମାଣ୍ଡିଆ ଲଡୁ ମିକ୍ସ ପ୍ରସ୍ତୁତି ଦାୟିତ୍ୱ ଦିଆଯାଇଛି। ଏହି ମାଣ୍ଡିଆ ଲଡୁ କାର୍ଯ୍ୟକ୍ରମରୁ ୩,୮୦୯ ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ୬୩ ହଜାର ଶିଶୁ ଉପକୃତ ହେଉଛନ୍ତି। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନରେ ୧୯ଟି ଜିଲାର ୧୪୩ଟି ବ୍ଲକରେ ମାଣ୍ଡିଆ ସହିତ ବିଭିନ୍ନ ପୁଷ୍ଟିଶସ୍ୟ ଚାଷ କରାଯାଉଛି। ଏହା ମଧରେ ସୁନ୍ଦରଗଡ଼ ଜିଲାର ୧୨ଟି ବ୍ଲକ ରହିଛି। ତା’ଭିତରୁ ୮ଟି ବ୍ଲକରେ ପୁଷ୍ଟିଶସ୍ୟକୁ ପ୍ରୋତ୍ସାହନ ଦେବା ଲାଗି ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି।୨୦୧୮-୧୯ରେ ସୁନ୍ଦରଗଡ଼ ଜିଲା ଓଡ଼ିଶା ପୁଷ୍ଟିଶସ୍ୟ ମିଶନ କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲା। ସେହି ବର୍ଷ ୪ଟି ବ୍ଲକରେ ଏହି କାର୍ଯ୍ୟକ୍ରମ ଲାଗୁ କରାଯାଇଥିଲା। ୨୦୨୨-୨୩ରେ ତାହା ୧୨ବ୍ଲକରେ ପହଞ୍ଚି ପାରିଛି। ଚଳିତବର୍ଷ ୧୬ ହଜାରରୁ ଅଧିକ ଚାଷୀ ୬ହଜାର ହେକ୍ଟର ଜମିରେ ମାଣ୍ଡିଆ ଓ ବିଭିନ୍ନ ପୁଷ୍ଟିଶସ୍ୟ ଚାଷ କରୁଛନ୍ତି। ଚାଷୀଙ୍କୁ ବିହନ, ସାର, ଆଧୁନିକ କୃଷି ଯନ୍ତ୍ରପାତି, ବୈଷୟିକ ସହାୟତା ଯୋଗାଇ ଦିଆଯାଉଛି।



ସୁନ୍ଦରଗଡ଼ରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମାଣ୍ଡିଆରୁ ଲଡୁ ତିଆରି କରୁଛନ୍ତି।

## ପ୍ରାଚୀର ପତ୍ରିକା ଜାହ୍ନବୀ ଉନ୍ମୋଚିତ

**ରୁପ୍ରା ରୋଡ଼,(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ସରସ୍ୱତୀ ଶିଶୁ ମନ୍ଦିରଠାରେ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ପ୍ରାଚୀର ପତ୍ରିକା ଜାହ୍ନବୀ ଉନ୍ମୋଚିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଲିଖିତ ବିଭିନ୍ନ ଗଳ୍ପ, କବିତା, ହସକଥା, ଜଣାଅଜଣା, ବୋଧକଥା ଆଦି ସ୍ଥାନ ପାଇଛି। ଶିଶୁ ସମ୍ପାଦକ ରୂପେ ତେଜସ୍ୱିନୀ ସୋନୀ ଓ ଇନ୍ଦିରା ପ୍ରିୟଦର୍ଶିନୀ ସାହୁ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପ୍ରଚ୍ଛଦଶିଳ୍ପୀରେ ଜତେନ୍ଦ୍ର ଗଉଡ ରହିଥିଲେ। ପରିଚାଳନା ସମିତି ସଭାପତି ଘନଶ୍ୟାମ ଭୋଇ ଓ ସମ୍ପାଦକ ସଞ୍ଜିବ ଦାସ ଶିଶୁ ଲେଖକଙ୍କ ଲେଖାକୁ ପ୍ରଶଂସା କରିଥିଲେ।

## ସଂକ୍ଷେପରେ

### ବିଭିନ୍ନ ଦାବି ନେଇ ଫାର୍ମାସିଷ୍ଟଙ୍କ ଆନ୍ଦୋଳନ

**ଖଡ଼ିଆଳ,୪।୯(ଡି.ଏନ.ଏ.):** ବିଭିନ୍ନ ଦାବି ନେଇ ଓଡିଶା ଫାର୍ମାସିଷ୍ଟ ସେବା ସଂଘ ଗତ ଗୁରୁବାରଠାରୁ କଳା ବ୍ୟାଜ୍‌ପିନ୍ଧି ଆନ୍ଦୋଳନ କରୁଥିବା ବେଳେ ନୂଆପଡ଼ା ଜିଲା ଖଡ଼ିଆଳ ଅଞ୍ଚଳର ବିଭିନ୍ନ ଡାକ୍ତରଖାନାରେ କାର୍ଯ୍ୟରତ ଫାର୍ମାସିଷ୍ଟମାନେ ଏଥିରେ ସାମିଲ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ହେଲା ଅନେକ ସ୍ଥାନରେ କର୍ମଚାରୀ ଅଭାବରୁ ଜଣେ ମାତ୍ର ଫାର୍ମାସିଷ୍ଟ କାମ କରୁଛନ୍ତି। ଫଳରେ ସେମାନେ ଶାରୀରିକ ଓ ମାନସିକ ଭାବରେ ଭାରାକ୍ରାନ୍ତ ହେଉଛନ୍ତି। ତେଣୁ ଅତିଶୀଘ୍ର ଖାଲି ପଡିଥିବା ପଦବୀ ପୂରଣ, ମୂଳ ଦରମା ବୃଦ୍ଧି, ପଦୋନ୍ନତି ପରେ ସିନିୟର ଫାର୍ମାସିଷ୍ଟମାନଙ୍କୁ ନିଜ ଜିଲାରେ ନିଯୁକ୍ତି, ଫାର୍ମାସିଷ୍ଟ ବଦଳରେ ଫାର୍ମାସିଷ୍ଟ ଅଫିସର କୁହାଯିବା ଭଳି ଆଦି ଦାବି କରିଛନ୍ତି।

### ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**କର୍ଲାମୁଣ୍ଡା,୪।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଅଶୋକ କୁମାର ତ୍ରିପାଠୀଙ୍କୁ ବିଦ୍ୟାଳୟଠାରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ ଗରୁଡଧ୍ୱଜ ଗହୀରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରୋହିତ କୁମାର ରଣା, ପରିଚାଳନା ସମିତି ସଭାପତି ଡମ୍ବରୁଧର ରଣା, ଶିକ୍ଷକ ପଙ୍କଜ ବାରିକ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ନୀଳମଣି ଗହୀର ସଂଯୋଜନା କରିଥିଲେ। ଅତିଥି, ଛାତ୍ରୀଛାତ୍ରମାନେ ତ୍ରିପାଠୀଙ୍କୁ ଜଣେ ବ୍ୟକ୍ତି ନୁହେଁ ସେ ଏକ ଅନୁଷ୍ଠାନ ବୋଲି ଅଭିହିତ କରିବା ସହ ତାଙ୍କ ଆଦର୍ଶ ଶିକ୍ଷକତା, ଛାତ୍ରବତ୍ସଳ, ସାଙ୍ଗଠନିକ ଓ ପ୍ରଶାସନିକ ଦକ୍ଷତାକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ତଥା ଖବରଦାତା ନରୋତ୍ତମ ସେଲମା ମଧ ତ୍ରିପାଠୀଙ୍କ ଶିକ୍ଷକତା ଜୀବନ ଉପରେ ଆଲୋଚନା କରିଥିଲେ। ପରେ ତ୍ରିପାଠୀ ନିଜ ଗାଁ ଚିଖିଡାଠାରେ ସଂକୀର୍ତ୍ତନ ସହ ଏକ ବିଶାଳ ଶୋଭାଯାତ୍ରା କରାଯାଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।

### କଳାହାଣ୍ଡି ଆଦିବାସୀ ପରମ୍ପରାର ସୁରକ୍ଷା ନେଇ କର୍ମଶାଳା

**ଖଡ଼ିଆଳ,୪।୯(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳସ୍ଥିତ ଲୋକଦୃଷ୍ଟି ଅଡିଟରିୟମରେ କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ କଳାହାଣ୍ଡି ଆଦିବାସୀ ପରମ୍ପରାର ସୁରକ୍ଷା ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଡା.ସୁନୀତି ମୁଣ୍ଡ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଡା. ମହେନ୍ଦ୍ର ମିଶ୍ର ଯୋଗଦେଇ ଆଦିବାସୀ ପରମ୍ପରାର ଅନେକ ବିଷୟ ଲୋପ ପାଇବାରେ ବସୁଛି। କ୍ଷୁଦ୍ର ସସ୍ୟ ଉତ୍ପାଦନ ଆଦିବାସୀଙ୍କ ଜୀବନଶଳୀର ଏକ ଅଙ୍ଗ ଥିବା ବେଳେ ଏହା ଲୋପ କରିଥିଲେ। ବର୍ତ୍ତମାନ ପୁଣି ମିଲେଟ ମିଶନ କାର୍ଯ୍ୟ ହାତକୁ ନେଇଛନ୍ତି ବୋଲି କହିଥିଲେ। ହଜିଯାଉଥିବା ଜ୍ଞାନ ଏବଂ ଲୁଚି ଯାଉଥିବା ଭାଷାର ସୁରକ୍ଷା ଏବଂ ପୁନଉଦ୍ଧାର କରିବା ନିତାନ୍ତ ଆବଶ୍ୟକ। ଗବେଷକ ଜିତାମିତ୍ର ସିଂଦେଓ, ଡା.ଫନିନ୍ଦମ ଦେଓ, ଡା. ରାମଚନ୍ଦ୍ର ମିଶ୍ର ଏବଂ ଲୋକଦୃଷ୍ଟି ନିର୍ଦ୍ଦେଶକ ଅବନୀ ମୋହନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

### ଭାଲୁପିଟା, ମହରାପଦର, ସଲତରପାଲି ବିଜୟୀ

#### ବଲାଙ୍ଗୀର ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ

**ବଲାଙ୍ଗୀର ଅଫିସ,୪।୯:** ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ବଲାଙ୍ଗୀର ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟରେ ୩ଟି ମ୍ୟାଚ୍ ଖେଳାଯାଇଥିଲା। ଚୂଡାପାଲି ପଡିଆରେ ଭାଲୁପିଟା ଦଳ ୩-୦ ଗୋଲରେ ଡଙ୍ଗାଘାଟକୁ ପରାସ୍ତ କରିଥିଲା। କ୍ରୀଡା ସଂସଦ ଟୁର୍ନାମେଣ୍ଟ ଅଧକ୍ଷ ପ୍ରଭାତ କୁମାର ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ହେମନ୍ତ କୁମାର ବେହେରା ଓ ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖପ୍ରାଖୋଲ ପଡିଆରେ ମହରାପଦର ଦଳ ୧-୦ ଗୋଲରେ କୁହାବାଉଁଶ ଦଳକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ଖପ୍ରାଖୋଲ ସରପଞ୍ଚ ସତ୍ୟାନନ୍ଦ ସିନ୍ଧିଆ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଲୋଇସିଂହା ଷ୍ଟାଡିୟମରେ ସଲତରପାଲି ବନାମ୍ ତେନ୍ତୁଲିଖୁଣ୍ଟି ଦଳ ମୁହାଁମୁହିଁ ହୋଇଥିଲେ। ଟାଇବ୍ରେକରରେ ସଲତରପାଲି ଦଳ ୫-୪ ଗୋଲରେ ବିଜୟୀ ହୋଇଥିଲା। ଅତିଥି ଭାବେ ଲୋଇସିଂହା ସରପଞ୍ଚ ନବକିଶୋର ନାଏକ ଯୋଗ ଦେଇଥିଲେ।

# ତଳମୁଣ୍ଡକୁ ପହଞ୍ଚୁନି କେନାଲ ପାଣି

## ଚାଷ ଜମି ଫାଟି ଆଁ

**ଭବାନୀପାଟଣା,୪।୯(ସ୍ୱ.ପ୍ର.)**

ତଳ ମୁଣ୍ଡକୁ ପହଞ୍ଚି ପାରୁନାହିଁ କେନାଲ ପାଣି, ଆଁ କଲାଣି ଚାଷ ଜମି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅରେବେଡା ଗ୍ରାମରେ। ଏହି ଗ୍ରାମର ତଳ ମୁଣ୍ଡର ଚାଷ ଜମିକୁ କେନାଲ ପାଣି ଏବେ ପହଞ୍ଚି ପାରୁ ନ ଥିବାରୁ ସେଠାକାର ଚାଷ ଜମି ଫାଟି ଯାଇଥିବା ଦେଖିବାକୁ ମିଳିଛି। ଫଳରେ ସେଥିରେ ଚାଷ ହୋଇଥିବା ଧାନ ଫସଲଗୁଡିକ ଏବେ ନଷ୍ଟ ହେବା ଆଶଙ୍କା ରହିଛି। ଯାହାକୁ ନେଇ ସ୍ଥାନୀୟ ଚାଷୀ ଏବେ ଚିନ୍ତାରେ ରହିଛନ୍ତି। ପ୍ରକାଶ ଯେ, ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲରୁ ଠେଲକୋମୁଣ୍ଡା ସବମାଇନର କେନାଲ ଯୋଗେ ଅରେବେଡା ଗ୍ରାମକୁ ପାଣି ଆସିଥାଏ। ତେବେ ଏହି ସବମାଇନର କେନାଲ ବିଭାଗ ପକ୍ଷରୁ ସଫା କରାଯାଉ ନ ଥିବାରୁ ତାହା ପୋତି ହୋଇଯାଉଥିବାରୁ ତଳମୁଣ୍ଡକୁ ପାଣି ପହଞ୍ଚି ପାରୁ ନ ଥିବା ଦେଖିବାକୁ ମିଳିଛି। ବିଭିନ୍ନ ସମୟରେ ସ୍ଥାନୀୟ ଚାଷୀମାନେ ଚାଷକୁ ବଞ୍ଚାଇବା ପାଇଁ ବାଧ ହୋଇ କେନାଲକୁ ସଫା କରୁଥିବାବେଳେ ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଏପଟେ କେନାଲ ମରାମତି ନାଁରେ ପ୍ରତିବର୍ଷ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠାରେ କେନାଲ ସଫା କରିବାର କାମ ବିଭାଗ ରହିଥିବା ବେଳେ ତାହା ନ ହୋଇ ଚାଷୀମାନେ ଚାଷ ପାଇଁ ବାଧ ହୋଇ କେନାଲ ସଫା କରୁଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି।



ପାଣି ଅଭାବରୁ ଚାଷ ଜମି ଫାଟିଛି।

# ଆଜି ମା' ମାଣିକେଶ୍ୱରୀଙ୍କଠାରେ ନବାନ୍ନ ଲାଗି

## ନୂଆଁଖାଇ ପାଳିବେ ଗଡ଼ଜାତ ଅଞ୍ଚଳର ଲୋକେ

**ଭବାନୀପାଟଣା,୪।୯(ସ୍ୱ.ପ୍ର.)**

ସୋମବାର କଳାହାଣ୍ଡି ଜିଲାର ଅଧିଷ୍ଠାତ୍ରୀ ଦେବୀ ମା'ମାଣିକେଶ୍ୱରୀଙ୍କ ନିକଟରେ ଲାଗିବ ନବାନ୍ନ। ଏହି ଅବସରରେ ସମସ୍ତ ଗଡ଼ଜାତ ଅଞ୍ଚଳର ଲୋକେ ନୂଆଁଖାଇ ପାଳନ କରିବେ। ଏଥିରେ ଭବାନୀପାଟଣା, ଥୁଆମୂଳ ରାମପୁର, ଜୟପାଟଣା, ଲାଞ୍ଜିଗଡ଼, ମଦନପୁର ରାମପୁର ସହରବାସୀ ରହିଛନ୍ତି। ନୂଆଖାଇ ପାଇଁ ଏହି ସହରଗୁଡିକ ଏବେ ଚଳ ଚଞ୍ଚଳ ହୋଇ ଉଠିଛି। କଳାହାଣ୍ଡି ଜିଲାର ଲୋକେ ୩ୟ ପର୍ଯ୍ୟାୟରେ ନୂଆଁଖାଇ ଥାନ୍ତି। ପ୍ରଥମ ପର୍ଯ୍ୟାୟରେ ଜିଲାର କେସିଙ୍ଗା ବ୍ଲକ ପଥର୍ଲା, ବାହାଦୂର ପଦର ପଲସାପଡା ଅଞ୍ଚଳର ୫ ହଜାରରୁ ଊର୍ଦ୍ଧ୍ୱ ଲୋକେ ନୂଆ ଖାଇଥାନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଜିଲାର ଅନେକ ଅଞ୍ଚଳରେ ଲୋକେ ନୂଆଁଖାଇ ପାଳନ କରିଥାନ୍ତି। ତୃତୀୟ ପର୍ଯ୍ୟାୟ ଦଶମୀ ତିଥିରେ ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱେରୀଙ୍କ ନିକଟରେ ନବାନ୍ନ ଲାଗିବା ପରେ ସମସ୍ତ ଗଡ଼ଜାତ ଅଞ୍ଚଳରେ ପାଳିତ ହୋଇଥାଏ ନୂଆଁଖାଇ। ମା' ମାଣିକେଶ୍ୱରୀଙ୍କ ନବାନ୍ନ ଲଗ୍ନ ସକାଳ ୯ଘଣ୍ଟା ୧୫ ମିନିଟରୁ ୧୦ ଘଣ୍ଟା ମଧ୍ୟରେ ସ୍ଥିର ହୋଇଛି।



ମା' ମାଣିକେଶ୍ୱରୀ ମନ୍ଦିର।

# ୫୫ ପରିବାର ଏକାଠି ଖାଇଲେ ନୂଆଁ



ନୂଆଁ ଅନ୍ନ ଭକ୍ଷଣ ପରେ ଏକାଠି ମାଝି ପରିବାର।

**ନୂଆପଡ଼ା ଅଫିସ,୪।୯**

ନୂଆପଡା ସଦର ବ୍ଲକ କୋଟେନଚୁଆଁ ପଞ୍ଚାୟତ ଜାମଦର୍ହା ଗାଁରେ ମାଝି ପରିବାର ଏକାଠି ନୂଆଁ ଖାଇଲେ। ଗତ ଦୁଇ ବର୍ଷ କରୋନା ମହାମାରୀ ଯୋଗୁ ଓଶ୍ଚିମ ଓଡିଶାର ଗଣପର୍ବ ଫିକା ପଡି ଯାଇଥିଲା। ପ୍ରତି ବର୍ଷ ଗାଁ ଲୋକେ ଅଲଗା ଅଲଗା ନୂଆଁ ଖାଉଥିଲେ। ଗାଁ ମୁଖିଆଙ୍କ ଚଳିତବର୍ଷ ଗୋଟିଏ ସ୍ଥାନରେ ବସି ନୂଆଁ ଖାଇବା ପାଇଁ ନିର୍ଦ୍ଦେଶ ଦେବାରୁ ଗାଁରେ ଏକ ସଭା କରି ସମସ୍ତେ ମିଶି ଏକାଠି ନୂଆଁ ଖାଇବା ପାଇଁ ସ୍ଥିର ହୋଇଥିଲେ। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ନୂଆଁଖାଇ ଦିନ ଗାଁର ସମସ୍ତେ ଏକାଠି ହୋଇ ଗାଁ ପୂଝାରୀ ନରେନ ମାଝି ପୂଜା ଅର୍ଚ୍ଚନା କରି ଇଷ୍ଟଦେବତା ଧରୁଆ ବୁଢା ପାଖରେ ନୂଆଁ ଧାନର ଚୂଡା ଅର୍ପଣ ବା ଭୋଗ ଲଗାଇଲେ। ପରେ ଗାଁ ଦାଣ୍ଡରେ ବସି ସମସ୍ତେ ଏକାଠି ବସି ନର୍ବାନ୍ନ ଭକ୍ଷଣ କରିଥିଲେ। ଗାଁର ୫୫ ମାଝି ପରିବାର ୩୮୦ଜଣ ସଦସ୍ୟ ଗାଁ ଦାଣ୍ଡରେ ବସି ହର୍ଷଉଲ୍ଲାସର ସହିତ ନୂଆଁ ଖାଇଥିଲେ। ନୂଆଁ ଖାଇ ସାରିବା ପରେ ପରସ୍ପର ମଧ୍ୟରେ ଜୁହାର ଭେଟ ହୋଇଥିଲେ। ନୂଆଁଖାଇର ପର ଦିନ ବାସି ତିହାର ବଡ ନିଆରା ଢଙ୍ଗରେ ପାଳନ କରିଥିଲେ। ନୂଆଁଖାଇ ପର୍ବରେ ପ୍ରହଲାଦ ମାଝି, ମୋଟାସିଂ ମାଝି, ହିରାଲାଲ ମାଝି, ରମେଶ ମାଝି, ଗଣେଶ ମାଝି, ଦୁରୁପ ସିଂ ମାଝି, ଧ୍ରୁବ ମାଝି ପ୍ରମୁଖ ଯୋଗକରିଥିଲେ।

# ଲାଞ୍ଜିଗଡ଼ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ଲାଞ୍ଜିଗଡ଼,୪।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ସହରର ନୂତନ କମ୍ୟୁନିଟି ହଲଠାରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘବର୍ଷ ହେଲା ଲାଞ୍ଜିଗଡଠାରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଦୁର୍ଗା ପୂଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ଗତ ଦୁଇବର୍ଷ କୋଭିଡ୍ କଟକଣା ପାଇଁ ସିମିତ ଭକ୍ତଙ୍କ ମଧ୍ୟରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଚଳିତବର୍ଷ ସ୍ଥିତି ସ୍ୱାଭାବିକ ଥିବାରୁ ପୂର୍ବପରି ଦୁର୍ଗାପୂଜା ଆଡମ୍ବରରେ କରାଯିବ ବୋଲି ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆ ସୂଚନା ଦେଇଛନ୍ତି। ବୈଠକରେ ଚଳିତବର୍ଷ ଦୁର୍ଗାପୂଜା ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସୁମନ୍ତ କୁମାର ଦଳବେହେରା, ସମ୍ପାଦକ ଭାବେ ଜୟନ୍ତ ମହାଖୁଡ ଓ କୋଷାଧ୍ୟକ୍ଷ ଭାବେ କିଶୋର ପେସନିଆ ମନୋନୀତ ହୋଇଛନ୍ତି। ଲାଞ୍ଜିଗଡ ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆଙ୍କ ସଭାପତିତ୍ୱରେ ବୈଠକରେ ସ୍ୱାଗତ ଭାଷଣ ଭୁପେନ୍ଦ୍ର କୁମାର ମହାରଥା ଦେଇଥିଲେ। ପ୍ରସ୍ତୁତି ବୈଠକରେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ଲାଞ୍ଜିଗଡ ରାଜା ରାଜେନ୍ଦ୍ର ପ୍ରତାପ ସିଂଦେଓ, କାମରାଜ ଦଳବେହେରା, ଶ୍ରମିକ ସଂଘ ସଭାପତି ସଞ୍ଜିବ ପେସନିଆ, କାର୍ତ୍ତିକ ଓଡିଆ, ଶିଶିର ପୂଜାରୀ, କୃଷ୍ଣଚନ୍ଦ୍ର ମହାରଣା ଓ ଶ୍ରୀମୁଖ ଅଗସ୍ତି ପ୍ରମୁଖ ଉପସ୍ଥିତି ଥିଲେ। କର୍ତ୍ତା ଭାବେ ରାମଚନ୍ଦ୍ର ସିଂ ଓ ଜାନକି ସିଂ ଦାୟିତ୍ୱ ନିର୍ବାହ କରିବେ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଦୁର୍ଗାପୂଜା ୫ ଦିନଧରି ହେବାକୁ ଥିବା ବେଳେ ପୂଜକ ଭାବେ ପୁରୀର ସୁବାଷ ଚନ୍ଦ୍ର ତ୍ରିପାଠି ପୂଜାର୍ଚ୍ଚନା କରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଭୁପେନ୍ଦ୍ର ମହାରଥା ଧନ୍ୟବାଦ ଦେଇଥିଲେ।

# ଅହିଂସା ରଥକୁ ସ୍ୱାଗତ

## ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ

**କେସିଙ୍ଗା,୪।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ପକ୍ଷରୁ ଅହିଂସା ରଥକୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଛି। ଭବାନୀପାଟଣାରୁ ବାହାରି ଥିବା ଅହିଂସା ରଥକୁ କେସିଙ୍ଗା ବୋରିଂପଦର ଚେକଗେଟ ନିକଟରେ ପହଞ୍ଚିଥିଲା। ସେଠାରେ ଏନ୍‌ଏସି ଅଧକ୍ଷ ନୃପରାଜ ଯାଦବ, ନିର୍ବାହୀ ଅଧିକାରିଣୀ ମିସ କିରଣ ବେହେରାଙ୍କ ସମେତ ସମସ୍ତ କାଉନସିଲର, ବିଜେଡି ଟାଉନ ସଭାପତି ରମେଶ ପଟ୍ଟନାୟକ, ବିଭିନ୍ନ ମହିଳା ଗ୍ରୁପ, ଅନେକ ଅନୁଷ୍ଠାନ ସଦସ୍ୟ ସଦସ୍ୟା, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀଗଣ ପ୍ରମୁଖ ଅହିଂସା ରଥକୁ ପୁଷ୍ପଗୁଚ୍ଛ ଦେଇ ସରକାରୀ ବିଦ୍ୟାପୀଠକୁ ନାଚଗୀତ, ଢୋଲ ନିଶାନ ବିଭିନ୍ନ ଭାରତ ମାତା କି ଜୟ ଧ୍ୱନିରେ ନାରାବାଜି ଦେଇ ପାଛୋଟି ଆଣିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସାଧାରଣ ସଭାରେ ଏନ୍‌ଏସି ଅଧକ୍ଷ ଯାଦବ, ନିର୍ବାହୀ ଅଧିକାରିଣୀ ବେହେରା, ଉପାଧ୍ୟକ୍ଷା ସରସ୍ୱତୀ ସାହା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଯଜ୍ଞାସିନି ସାହା, ଅବସରପ୍ରାପ୍ତ ଅଧ୍ୟାପିକା ମଞ୍ଜୁମେଧା ଗୁରୁ ପ୍ରମୁଖ ଯୋଗଦେଇଥିଲେ। ଆଜାଦୀ କା ମହୋତ୍ସବ, ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ, ମହାତ୍ମାଗାନ୍ଧୀଙ୍କ ସତ୍ୟ, ଶାନ୍ତି ଓ ଅହିଂସା ବିଷୟରେ ମତପ୍ରକାଶ କରିଥିଲେ। ଶେଷରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଥିଲା ମଞ୍ଚ। କାର୍ଯ୍ୟକ୍ରମରେ ସହରର ଅନେକ ଅନୁଷ୍ଠାନ ପକ୍ଷରୁ ଶହ ଶହ ସଂଖ୍ୟାରେ ଯୋଗଦେଇଥିଲେ। ସେହିପରି କେସିଙ୍ଗା ବ୍ଲକ ପକ୍ଷରୁ ପାଷ୍ଟିକୁଡିଠାରେ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, ବିଡିଓ ପ୍ରଫୁଲ୍ଲ କୁମାର ଆଦୁ, ତହସିଲଦାର ଜ୍ୟୋର୍ତିମୟ କର, ସରପଞ୍ଚ ସଂଘ ଜିଲା ସଭାପତି ସୁବୋଧ ରଣା, ବିଜେଡି ଜିଲା ସଭାନେତ୍ରୀ ଲଳିତା ନାୟକ ପ୍ରମୁଖ ଅହିଂସା ରଥ ସ୍ୱାଗତ କରିଥିଲେ।



କେସିଙ୍ଗା ବିଦ୍ୟାପୀଠ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

# ଭାଜପା ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ଖଡ଼ିଆଳ,୪।୯(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳସ୍ଥିତ ଶ୍ରୀଜି ମଣ୍ଡପଠାରେ ଭାରତୀୟ ଜନତା ପାର୍ଟି(ଭାଜପା) ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଓ କର୍ମୀ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଯୋଗଦେଇ କର୍ମୀମାନେ ତୃଣମୂଳସ୍ତରରେ କାର୍ଯ୍ୟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ କଲ୍ୟାଣ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ଏହି ସଭାରେ ଜିଲା ସଭାପତି ସୁବ୍ରତ କୁମାର ଠାକୁର ଅଧକ୍ଷତା କରିଥିବା ବେଳେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ, ଜିଲା ସାଧାରଣ ସମ୍ପାଦକ ଦେବ ଦେବ ସିଂଦେଓ, ଡ. ସୁନୀତି ମୁଣ୍ଡ, ଅତୀନ୍ଦ୍ର ସିଂ ମଲ୍ଲିକ, ପ୍ରଶ୍ନନ ପାଢ଼ୀ, ଶିବ ପ୍ରଶାଦ ମୁଣ୍ଡଙ୍କ ସହ ଅନେକ କର୍ମୀ ଯୋଗଦେଇଥିଲେ।

# ଗଣ୍ଡା ସମାଜର ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି ବୈଠକ

**ନୂଆପଡ଼ା ଅଫିସ,୪।୯**

ନୂଆପଡା ବ୍ଲକ ସଭାପତି ମୁରଲିଧର ସୁନାଙ୍କ ଆହ୍ୱାନକ୍ରମେ ରବିବାର ଗଣ୍ଡା ସମାଜର ସାମାଜିକ ଭବନଠାରେ ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତିକ୍ରମେ ଆସନ୍ତା ୨୫ ତାରିଖରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ହୋଇଛି। କାର୍ଯ୍ୟକାରୀ ସଭାପତି ଭାବେ ରବି ମଙ୍ଗରାଜ ଓ ସମ୍ପାଦକ ଭାବେ ହେମ କୁମାର ନିଆଲଙ୍କୁ ମନୋନୀତ କରାଯାଇଛି। ପ୍ରତ୍ୟେକ ବ୍ଲକର ବରିଷ୍ଠ ଓ କନିଷ୍ଠଙ୍କୁ ନେଇ ଏକ କୋର କମିଟି ଗଠନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। କୋର କମିଟି ଗଠନ ଦିନ ନୂଆଁଖାଇ କାର୍ଯ୍ୟକ୍ରମ ଜିଲାର କେଉଁ ସ୍ଥାନରେ ହେବ ଧାର୍ଯ୍ୟ କରାଯିବ ବୋଲି ସଭାପତି ମଙ୍ଗରାଜ ସୂଚନା ଦେଇଛନ୍ତି।

# ଜୁନାଗଡ଼ରେ ଅହିଂସା ରଥକୁ ସମ୍ବର୍ଦ୍ଧନା

**ଜୁନାଗଡ,୪।୯(ଡି.ଏନ.ଏ.)**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅମୃତ ମହୋତ୍ସବ ଉପଲକ୍ଷେ ଗତ ୧୫ ତାରିଖରୁ ଓଡିଶାର ବୀର ସଂଗ୍ରାମୀ ଓ ବଳିଦାନର ବାର୍ତ୍ତା ନେଇ ଅହିଂସା ରଥ ରାଜ୍ୟର ବିଭିନ୍ନ ଜିଲାକୁ ପରିକ୍ରମା କରୁଛି। ଏହି ପରିପ୍ରେକ୍ଷୀରେ ରବିବାର ଏହି ଅହିଂସା ରଥ ଜୁନାଗଡ ବ୍ଲକ ପହଞ୍ଚିଛି। ଆରମ୍ଭରେ ଅହିଂସା ରଥ ଜୁନାଗଡ ବ୍ଲକ ବଲଦିଆମାଲରେ ପହଞ୍ଚିବା ପରେ ସେଠାରେ ବ୍ଲକ ଅଧକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ସ୍ଥାନୀୟ ସରପଞ୍ଚ ଅର୍ଚ୍ଚନା ମେହେରଙ୍କ ସମେତ ସ୍ଥାନୀୟ ଲୋକେ ଭବ୍ୟ ସ୍ୱାଗତ କରିଥିଲେ। ସେହିପରି ଜୁନାଗଡ ସହର ଲଙ୍କେଶ୍ୱରୀ ମନ୍ଦିର ଛକ ନିକଟରେ ଏନ୍‌ଏସି ପକ୍ଷରୁ ରଥକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମୟରେ ନଗରପାଳ ମୁକେଶ ଅଗ୍ରୱାଲ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶମ୍ଭର ମିଶ୍ର, ଉପାଧ୍ୟକ୍ଷା ହିମାଦ୍ରୀ ନାଏକଙ୍କ ସମେତ ସମସ୍ତ କାଉନସିଲର, କର୍ମଚାରୀ ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଏହି ରଥ ସହର ପରକ୍ରମା କରାଯାଇଥିଲା। ଏଥିରେ ସ୍ଥାନୀୟ ଲୋକେ ମଧ ସାମିଲ ହୋଇଥିଲେ। ଏହି ରଥ ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ବିଡିଓ ଦୁଲାରାମ ମାରାଣ୍ଡି, ବ୍ଲକ ଅଧକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରାଙ୍କ ସମେତ ବ୍ଲକ କର୍ମଚାରୀ ସ୍ୱାଗତ କରିଥିଲେ।



ଜୁନାଗଡ଼ ଏନ୍‌ଏସି ପକ୍ଷରୁ ଅହିଂସା ରଥକୁ ସ୍ୱାଗତ କରାଯାଉଛି।

# ସହରର ବିଭିନ୍ନ ସମସ୍ୟା ସମାଧାନ ଚିନ୍ତା

**ବଲାଙ୍ଗୀର ଅଫିସ, ୪।୯**

ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ବଲାଙ୍ଗୀର ନାଗରିକ କମିଟିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ବେଲାର ସିଂ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସହରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ମାଁ ପାଟଣେଶ୍ୱରୀ ଓ ସମଲେଶ୍ୱରୀ ମନ୍ଦିରର ଉନ୍ନତିକରଣ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଆସନ୍ତା ୧୧ ତାରିଖରେ ବଲାଙ୍ଗୀରଠାରେ ବଲାଙ୍ଗୀର-ଖୋର୍ଦ୍ଧା ରେଳଲାଇନ ନିର୍ମାଣ ଆନ୍ଦୋଳନ ଉପରେ ହେବାକୁ ଥିବା ଆନ୍ତଃଜିଲାସ୍ତରୀୟ ବୈଠକ ଏବଂ ଆଗାମୀ ୨୯ରେ ହେବାକୁ ଥିବା ବଲାଙ୍ଗୀର କ୍ରାନ୍ତି ଜାଗୃତି ସମାରୋହ ଉଦ୍‌ଯାପନୀ ରାଲିରେ ସକ୍ରିୟ ଅଂଶଗ୍ରହଣ କରିବାକୁ କମିଟି ପକ୍ଷରୁ ପ୍ରସ୍ତାବ ଗୃହୀତ ହୋଇଥିଲା। ସେପ୍ଟେମ୍ବର ୫ରେ କମିଟି ତରଫରୁ ପ୍ରଥମ କରି ଗୁରୁ ଦିବସ ପାଳନ କରିବା ପାଇଁ ସର୍ବସମ୍ମତ ମତ ପ୍ରକାଶ ପାଇଥିଲା। ସଭା ପ୍ରାରମ୍ଭରେ ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ପୂର୍ବ ବିବରଣୀ ପାଠ କରି ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। କମିଟି ସଦସ୍ୟ ନନ୍ଦକୁମାର ବହିଦାର ଓ ଦେବବ୍ରତ ମିଶ୍ରଙ୍କ ବିୟୋଗରେ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ନିତ୍ୟାନନ୍ଦ ମିଶ୍ର, ସହସମ୍ପାଦକ ଡା. ଚକ୍ରପାଣି ଦାଶ, କୋଷାଧ୍ୟକ୍ଷ ଗଜେନ୍ଦ୍ର ଭମର, ସଭ୍ୟ କିଶୋର ମୋହନ ମିଶ୍ର, ଗୋପବନ୍ଧୁ ପୁରୋହିତ, ଧର୍ମବ୍ରତ ରଥ, ଆର୍ତ୍ତତ୍ରାଣ ମିଶ୍ର, ଜୟରାମ ମିଶ୍ର, ଗୋପଭୂଷଣ ନାଥ, ପିତବାସ ପଣ୍ଡା, ଅଶୋକ କୁମାର ମିଶ୍ର, ମନୋରଞ୍ଜନ ପୁରୋହିତ ଓ ନରେଶ କୁମାର ଦାଶ ଅଂଶଗ୍ରହଣ କରିଥିଲେ।




ବଲାଙ୍ଗୀର ନାଗରିକ କମିଟି ବୈଠକରେ ଉପସ୍ଥିତ ସଦସ୍ୟମାନେ।

## ବଲାଙ୍ଗୀର ନାଗରିକ କମିଟି ସାଧାରଣ ବୈଠକ

## ବିଦାୟକାଳୀନ ସମ୍ବର୍ଦ୍ଧନା

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପୂର୍ବତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ପଣ୍ଡା ଓ ପୂର୍ବତନ ଶିକ୍ଷକ ସତ୍ୟବାନ ମେହେରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଶିକ୍ଷକ ପ୍ରଧାନ ସୀତାଂଶୁ ଶେଖରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ଦିବ୍ୟରଞ୍ଜନ ସାହୁ, ଶିକ୍ଷୟିତ୍ରୀ ଜିତେଶ୍ୱରୀ ମେହେର ଯୋଗଦେଇଥିଲେ।

## ସଂକ୍ଷେପରେ

### ତପସ୍ୱିନୀ ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରିଣୀ ସଦସ୍ୟା

**ବିନିକା,୪।୯(ଡି.ଏନ.ଏ ):** ବିଜେଡି ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜୁ ମହିଳା ଜନତା ଦଳର ନୂତନ ରାଜ୍ୟ କମିଟି ଘୋଷିତ ହୋଇଛି । ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟାଭାବେ ବିନିକା ଏନଏସି ଉପାଧ୍ୟକ୍ଷା ତପସ୍ୱିନୀ ମେହେର ମନୋନୀତ ହୋଇଛନ୍ତି। ମେହେର ଏବେ ଏମଏମ ସୋସାଇଟି ସଭାନେତ୍ରୀ, ଓଡିଶା, ରେଶମ ଟସରର ନିର୍ଦ୍ଦେଶକ, ବିନିକା ଗୋପାଳଜୀ ବୁଣାକାର ସୋସାଇଟି ସଭାନେତ୍ରୀ ଅଛନ୍ତି। ଏଥିସହିତ ମେହେର ବିନିକା ଏନଏସିରେ ଲଗାତାର ଭାବେ ଚାରି ଥର ଉପାଧ୍ୟକ୍ଷା ହୋଇ ଥିବା ବେଳେ ପୂର୍ବରୁ ଜିଲା ଯୋଜନା ବୋର୍ଡ ସଦସ୍ୟ, ଜିଲା ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ, ବିଜୁ ଜନତା ଦଳର ଜିଲା ଉପସଭାନେତ୍ରୀ ଭାବେ ଦାୟିତ୍ୱ ନିର୍ବହ କରିଛନ୍ତି। ମନୋନୟନ ପରେ ମେହେରଙ୍କୁ ବିଭିନ୍ନ ବ୍ୟକ୍ତି ବିଶେଷ ଶୁଭେଚ୍ଛା ଜଣାଇଛନ୍ତି ।

### ଝରଣା ମେହେର ବିଜେଡି ମହିଳା ମୋର୍ଚ୍ଚା ସମ୍ପାଦିକା

**ବରପାଲି,୪।୯(ଡି.ଏନ.ଏ.):** ବରପାଲିର ଝରଣା ମେହେର ରାଜ୍ୟ ବିଜେଡି ମହିଳା ମୋର୍ଚ୍ଚାର ରାଜ୍ୟ ସମ୍ପାଦିକା ଭାବେ ନିଯୁକ୍ତି ପାଇଛନ୍ତି। ମେହେର ବିଜେପୁର ନିର୍ବାଚନ ମଣ୍ଡଳୀରେ ଜଣେ ସକ୍ରିୟ ମହିଳା ନେତ୍ରୀ ଭାବେ ବେଶ୍ ଜଣାଶୁଣା। ତାଙ୍କୁ ଦିଆଯାଇଥିବା ଏହି ଗୁରୁ ଦାୟିତ୍ୱକୁ ସେ ନିଷ୍ଠାର ସହ ତୁଲାଇବେ ବୋଲି ବୋଲି ପ୍ରକାଶ କରିଛନ୍ତି। ତାଙ୍କର ଏହି ନିଯୁକ୍ତି ପାଇଁ ସେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ମେହେରଙ୍କ ଏହି ନିଯୁକ୍ତି ନେଇ ସ୍ଥାନୀୟ ମହିଳା କର୍ମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

### ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଶୋକସଭା

**ପଦ୍ମପୁର,୪।୯(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ପ୍ରାଥମିକ ଶିକ୍ଷକ ଭବନଠାରେ ରାଜବୋଡାସମ୍ବର ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଦାନନ୍ଦ ପୁରୋହିତଙ୍କ ପୌରୋହିତ୍ୟରେ ରବିବାର ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ରଣାଙ୍କର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଶୋକସଭାରେ ରାଜବୋଡାସମ୍ବର ବ୍ଲକର ଅବସରପ୍ରାପ୍ତ ବିଇଓ ତ୍ରିବିକ୍ରମ ପାଣିଗ୍ରାହୀ, ଅବସରପ୍ରାପ୍ତ ଏସ୍‌ଆଇ ବିଜୟ କୁମାର ସାହୁ, ରଘୁନାଥ ପୁରୀ, ଘନଶ୍ୟାମ ପୁଞ୍ଜି, ମନୋଜ ପଣ୍ଡା, ବିନୋଦ ରଥ, ସରୋଜ ପ୍ରସାଦ ଷଡ଼ଙ୍ଗୀ, ବିବେକା ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗୀୟ ରଣାଙ୍କ ସ୍ମୃତିଚାରଣ କରିଥିଲେ। ଭରତ ସାହୁ, ଶାନ୍ତନୁ ସରାଫ, ମନୋଜ ସାହୁ, ଏଲିଜର ନାଗ, ପ୍ରଦୀପ ସାହୁ ପ୍ରମୁଖ ବହୁ ଶିକ୍ଷକ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ଟିକନୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭାବୀ ବିକ୍ରିର ଶିକାର ହେଉଛନ୍ତି କପା ଚାଷୀ

**ବୌଦ୍ଧ,୪।୯(ସ୍ୱ.ପ୍ର.)**

କୃଷିଭିତ୍ତିକ ବୌଦ୍ଧ ଜିଲାରେ ଚାଷୀ ସର୍ବଦା ଅଭାବୀ ବିକ୍ରି ଓ ଦଲାଲଙ୍କ ଦ୍ୱାରା ଶୋଷିତ ହୋଇଆସୁଛି। ମଣ୍ଡି ଅଭାବରୁ ଧାନ ଫସଲ ହେଉ କି ପନିପରିବା କିମ୍ବା ଧଳା ସୁନା କୁହାଯାଉଥିବା କପା ଫସଲରେ ଚାଷୀକୁ କ୍ଷତି ସହିବାକୁ ପଡୁଛି। ବାରମ୍ବାର କ୍ଷତି ହେବା ଫଳରେ ଅଧିକାଂଶ ଚାଷୀ ଚାଷ ପ୍ରତି ବିମୁଖ ହୋଇ ଦାଦନ ଖଟିବାକୁ ଉଚିତ ମନେ କରୁଥିବା ଦେଖିବାକୁ ମିଳୁଛି।

ଜିଲାରେ ୮୫ ହଜାର ହେକ୍ଟର ଚାଷ ଉପଯୋଗୀ ଜମି ମଧ୍ୟରୁ ଏବେ ପ୍ରାୟ ୫୮ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଉଛି। ତେବେ ସ୍ଥାୟୀ ଜଳସେଚନର ସୁବିଧା ନ ଥିବା ବେଳେ ପ୍ରତିବର୍ଷ ବୃଷ୍ଟିପାତରେ ଅନିୟମିତତା ତଥା ରୋଗ ପୋକ ଉପଦ୍ରବ ଯୋଗୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଫଳରେ ଜିଲାରେ ଚାଷୀମାନଙ୍କ ଆର୍ଥିକ ପ୍ରଗତି ହୋଇ ପାରୁନାହିଁ। ଅପରପକ୍ଷରେ ଯେଉଁମାନେ ନିଜ ଜମିବାଡ଼ିରୁ ଫସଲ ଅମଳ ପାଇଁ ପରିଶ୍ରମ କରୁଛନ୍ତି, ସେମାନେ କେତେବେଳେ ଅଭାବୀ ଧାନ ବିକ୍ରି ତ ଆଉ କେତେବେଳେ ମରୁଡିର ଶିକାର ହେଉଛନ୍ତି। ବୃଷ୍ଟିପାତରେ ଅନିୟମିତତା ଯୋଗୁ ଅଳ୍ପ ପାଣି ବ୍ୟବହାର କରି ଚାଷୀମାନେ ପନିପରିବା ଓ ଅନ୍ୟ ଅର୍ଥକାରୀ ଫସଲ ଉତ୍ପାଦନ କରିବାକୁ ସରକାରୀ ସ୍ତରରେ ବିଭିନ୍ନ ସଭା ସମିତି ଜରିଆରେ ସଚେତନ କରିବା ସହ ପ୍ରୋତ୍ସାହନ କରାଯାଉଛି। କିନ୍ତୁ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଅର୍ଥକାରୀ ଫସଲ ପାଇଁ ସରକାର ଉପଯୁକ୍ତ ବଜାର ସୃଷ୍ଟି କରିବାରେ ବିଫଳ ହେଉଥିବାରୁ ଚାଷୀମାନେ ନିଜ ଫସଲର ଉପଯୁକ୍ତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଶେଷରେ ଦଲାଲ ଜରିଆରେ ଫସଲ ବିକ୍ରୟ କରି କ୍ଷତିରେ ପଡି ଋଣ ବୋଝରେ ପେଶି ହେବାକୁ ବାଧ ହେଉଛନ୍ତି। ବୌଦ୍ଧ ଜିଲାର କପାଚାଷୀମାନେ ବର୍ତ୍ତମାନ ଏହିଭଳି ପରିସ୍ଥିତିର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଗତ କେତେ ବର୍ଷ ହେଲା ଜିଲାର ବିଭିନ୍ନ ଅଞ୍ଚଳରେ କପା ଚାଷ ବ୍ୟାପକ ଭାବରେ ଚାଲିଛି। ହେଲେ କପା ମଣ୍ଡି ଖୋଲୁ ନ ଥିବାରୁ କପାଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଅନେକ ଚାଷୀ ଗାଡି ଭଡା କରି ବଲାଙ୍ଗୀରକୁ ବିକ୍ରୟ କରିବାକୁ ନେବାକୁ ପାଖରେ ଟଙ୍କା ନଥିବାରୁ ଅଳ୍ପ ମୂଲ୍ୟରେ



ଜିଲାରେ କପା ଚାଷ କରାଯାଇଛି ।

ଦଲାଲକୁ ବିକିବାକୁ ବାଧ ହେଉଥିବା ଦେଖିବାକୁ ମିଳୁଛି। ଚଳିତବର୍ଷ କପାଚାଷ ବହୁ ପରିମାଣରେ କରାଯାଇଛି। ଢିପ ଜମିଗୁଡିକରେ ଧାନ ଚାଷ କଲେ ଅଧିକ ପାଣି ଆବଶ୍ୟକ ହେଉଥିବାରୁ ଚାଷୀମାନେ ଏହି ଜମିରେ କପା ଚାଷ କରୁଛନ୍ତି। ତିଳେଶ୍ୱର, ହରେକୃଷ୍ଣପୁର, ବାମଣ୍ଡା, ବଡ଼ିଗାଁ, ବଘିଆପଡା, ଗୁଡଭେଲିପଦର, ବିଳାସପୁର, ଶୁଣ୍ଠିପଦର, ବରଗୋଛା, ଶଗଡା, ଗୁନ୍ଦୁଲିଆ, ଆମ୍ବଝରୀ, ଗୋଛାପଡା, ବାଉଁଶୁଣୀ ଆଦି ପଞ୍ଚାୟତରେ ୫୦୦୦ରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ କପା ଚାଷ କରାଯାଇଛି। ଚଳିତବର୍ଷ ଠିକ୍ ଭାବରେ ବର୍ଷା ହୋଇଥିବାରୁ କପା ଅମଳ ବୃଦ୍ଧି ପାଇବ ବୋଲି ଚାଷୀମାନେ ଆଶା ପ୍ରକାଶ କରିଛନ୍ତି। ଏପରିକି ଶଗଡାର ଆଭ୍ୟନ୍ତରୀଣ ଅଞ୍ଚଳରେ ଗଞ୍ଜେଇ ଚାଷୀମାନେ ଧରପଗଡରେ ଅତିଷ୍ଠ ହୋଇ ଶେଷରେ କପାଚାଷକୁ ଆଦରି ନେଉଥିବା ଦେଖାଯାଉଛି। ଫଳରେ ଏହି ଅଞ୍ଚଳରେ ଗଞ୍ଜେଇ ଚାଷ କମୁଥିବା ବେଳେ କପାଚାଷ ଆଶାତୀତ ଭାବରେ ବୃଦ୍ଧି ପାଇଛି। ଏପରି କି ଜଣେ ଜଣେ କପାଚାଷୀ ଶହେ ଏକରରୁ ଊର୍ଦ୍ଧ୍ୱ ଜମି ଠିକାରେ ନେଇ ସେଥିରେ କପାଚାଷ କରିଛନ୍ତି। ହେଲେ ନିକଟରେ କପାମଣ୍ଡି ନ ଥିବାରୁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲାରେ ଅତି କମ୍‌ରେ ୩ଟି କପାମଣ୍ଡି ଖୋଲିବାକୁ କପା ଚାଷୀମାନେ ଦାବି କରିଛନ୍ତି।

## ବରଗଡ଼ ଜିଲା ଯାଦବ ସମାଜ ବୈଠକ

**ବରଗଡ଼ ଅଫିସ, ୪।୯**

ବରଗଡ ଭଟଲି ଛକରେ ରବିବାର ଜିଲା ଯାଦବ ସମାଜ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବେଣୁଧର ଅଦାବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭେଡେନ ବ୍ଲକ ଯାଦବ ସମାଜ ସଭାପତି ନରେନ୍ଦ୍ର ବାଗ, ଅତାବିରା ସଭାପତି ଅର୍ଜୁନ ଦୀପ, ଗାଇସିଲାଟ ସଭାପତି ସୁରେଶ୍ୱର ଭୋଇ, ବିଜେପୁର ବ୍ଲକ ସମ୍ପାଦକ ତୁଳସୀରାମ ଭୋଇ, ବରପାଲି ବ୍ଲକ ସମ୍ପାଦକ ଲଳିତ ଦୀପ, ଜିଲା ଉପସଭାପତି ଡୋଲାମଣି ମହାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୁକୁମନି କଠାର, ବ୍ରହ୍ମା ମହାକୁଡ଼, ଅମରେନ୍ଦ୍ର ଯାଦବ, ଶ୍ରୀକାନ୍ତ ମଟାରୀ, ତୋଷବନ୍ତ ବର୍ଗର୍ତ୍ତୀ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ଯାଦବ ସମାଜର ବିଭିନ୍ନ ଉନ୍ନୟନ ମୂଳକ କାମ ତଥା ସମାଜର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଦିଗ ଉପରେ ଆଲୋଚନା କରାଯାଇଥିଲା। ଆନନ୍ଦ ବାଗ, ସୋମନାଥ ଭୋଇ, ସୁରେନ୍ଦ୍ର କଠାର, ପରମାନନ୍ଦ ପୋଢ଼,ବୁଦ୍ଧଦେବ ସିଂ ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

# ଏନ୍‌ସିସି ମିଟ୍‌ରେ ୧୭୫ କ୍ୟାଡେଟ୍



ବୀରମହାରାଜପୁର କଲେଜ ଏନସିସି ମିଟରେ ଅତିଥି ଓ କ୍ୟାଡେଟମାନେ।

**ଅମରପଲି, ୪।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟ ଏନସିସି ବିଭାଗ ପକ୍ଷରୁ ପୁରାତନ ଓ ବର୍ତ୍ତମାନର କ୍ୟାଡେଟମାନଙ୍କୁ ନେଇ ଦ୍ୱିତୀୟ ବାର୍ଷିକ ଏନସିସି ମିଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର ଇଲେଭେନ ବାଟାଲିଅନର କମାଣ୍ଡିଂ ଅଧିକାରୀ କର୍ଣ୍ଣେଲ କେଦାରନାଥ ସାହୁ ମୁଖ୍ୟ ଅତିଥି, ବୌଦ୍ଧ ପଞ୍ଚାୟତ କଲେଜ କ୍ୟାପଟେନ ମହେନ୍ଦ୍ରନାଥ ଦେବତା, ବୀରମହାରାଜପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଷିକେଶ ପ୍ରଧାନ, ବୀରମହାରାଜପୁର ମହାବିଦ୍ୟାଳୟ ଏନସିସି ଅଧିକାରୀ କ୍ୟାପଟେନ ସୂର୍ଯ୍ୟନାରାୟଣ ପଣ୍ଡା ଓ ଯୋଗାଚାର୍ଯ୍ୟ ଦ୍ୱିତୀକୃଷ୍ଣ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏନସିସି ସିନିୟର ଅଫିସର ମନୋଜ କୁମାର ସାହୁ ସଭା ପରିଚାଳନା, ଅଣ୍ଡର ଅଫିସର ପ୍ରଦୀପ ପ୍ରଧାନ ସଭାର ସଂଯୋଜନା କରିଥିଲେ। ସରଜେଣ୍ଟ ନିମାଇଁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ବାବୁଲାଲ ଲୁହା ଓ ବେଦବ୍ୟାସ ବେହେରାଙ୍କ ନିର୍ଦ୍ଦେଶନାରେ ଏନସିସି ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମୁଖ୍ୟ ଆୟୋଜକ ଭାବରେ ଚିନ୍ମୟ ପଣ୍ଡା, ସାହସିକତା ପାଇଁ କୁମାର କର୍ମୀ ଓ ଶୃଙ୍ଖଳିତ କ୍ୟାଡେଟ ଭାବେ ସଚିତା ନାଗଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସର୍ବମୋଟ ୧୭୫ କ୍ୟାଡେଟ ଅଂଶଗ୍ରହଣ କରିଥିଲେ।

## ରାଧାଷ୍ଟମୀ ମହୋତ୍ସବ ପାଳିତ

**ବରଗଡ଼ ଅଫିସ,୪।୯:** ବରଗଡ଼ ରାଧାରାଣୀ ବିହାର ସ୍ଥିତ ବ୍ରଜ ଗୋପିକା ଧାମରେ ରବିବାର ରାଧାଷ୍ଟମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ପଞ୍ଚମ ମୂଳ ଜଗଦ୍‌ଗୁରୁ ଉତ୍ତମ ଶ୍ରୀ ଶ୍ରୀ କୃପାଳୁଜୀ ମହାରାଜଙ୍କ ଆରତୀ, ରାଧାରାଣୀଜୀଙ୍କ ଅଭିଷେକ, ଆରତୀ ଓ ଦୋଳିଝୁଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଯୋଜକ ହରେକୃଷ୍ଣ ଦାଶ, ନରସିଂହ ପାଣିଗ୍ରାହୀ, ପ୍ରଦୀପ ଶତପଥୀ, ସୌକିଲାଲ ତ୍ରିପାଠୀ, ରବିନାରାୟଣ ସାହୁ, ପଞ୍ଚାନନ ମିଶ୍ର, ତିୟାରାମ ଡନସନା, ଦାମୋଦର ମିଶ୍ର, କୃପାସିନ୍ଧୁ ଗୁରୁ, ଗୋଲାପ ଚାନ୍ଦ ପୋପତାନୀ, ମନୋହର ମିଶ୍ର, ନାଗାର୍ଜୁନ ଷଡଙ୍ଗୀ, ମିନତୀ ଷଡଙ୍ଗୀ, ମଞ୍ଜୁଶ୍ରୀ ମହାମଲ୍ଲିକ, ପ୍ରମିଳା ସାହୁ, ପିଙ୍କି ମିଶ୍ର, କ୍ଷିରୋଦ୍ରୀ ଶତପଥୀ, ବୀଣାପାଣି ପଟ୍ଟନାୟକ, ମଞ୍ଜୁବାଳା ସୁବୁଦ୍ଧି, କାନ୍ତା ଡନସନାଙ୍କ ସମେତ ଭକ୍ତମାନେ ଯୋଗ ଦେଇଥିଲେ।

## ରକ୍ତଦାନ ଶିବିର: ୬୬ ୟୁନିଟ୍ ସଂଗ୍ରହ

**ସରଣ୍ଡା/ଜାମଟିକ୍ରା, ୪।୯(ଡି.ଏନ.ଏ)**

ବରଗଡ ଜିଲା ଅତାବିରା ବ୍ଲକ ଦେବାହାଲଠାରେ ରବିବାର ଜୟ କିଷାନ ପାଠାଗାର ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଦେବାହାଲ ସେବାଶ୍ରମ ସ୍କୁଲ ପରିସରରେ ଆୟୋଜିତ ଏହି ଶିବିରରେ ମୋଟ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବରଗଡ ରକ୍ତ ଭଣ୍ଡାର ଅଧିକାରୀ ରୋହିତ କଲେତଙ୍କ ସମେତ ଅନ୍ୟ ଅଧିକାରୀମାନେ ରକ୍ତ ସଂଗ୍ରହ କରିଥିଲେ। ପାଠାଗାର ସଭାପତି କାଶିଶର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା ସଭାରେ ଗ୍ରାମ୍ୟ ବିଦ୍ୟୁତୀକରଣ ନିଗମ ମୁଖ୍ୟ ପ୍ରବନ୍ଧକ ସୁରେନ୍ଦ୍ର ପ୍ରଧାନ, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ମୁଖପାତ୍ର ସରୋଜ ମହାନ୍ତି, ମାହେଶ୍ୱରୀ ଶିକ୍ଷାନୁଷ୍ଠାନ ସମୂହ ସୁନ୍ଦରଗଡର ନିର୍ଦ୍ଦେଶକ ଫକୀର କର୍ଣ୍ଣ ଏବଂ ଜହ୍ନାପଡା ସରପଞ୍ଚ ସୁବାସିନୀ ତରିଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରୀତି ସେଠ ଅତିଥି ପରିଚୟ ପ୍ରଦାନ ଓ ଲିପ୍‌ସା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଅତାବିରା ବ୍ଲକ ଗୋଡଭଗାରେ ରବିବାର ଲିଓ କ୍ଲବ ରୟଲ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲିଓ ଡିସିଏଲ୍‌ସି ଲାୟନ୍ସ ଭାସ୍କର ରାଓ, ଡାକ୍ତର ଚିତ୍ତରଞ୍ଜନ ଜେନା, କୁଳମଣି ପଧାନ, କଳାମାଟି ସରପଞ୍ଚ ସୁଷମା ସାହୁ, ଡାକ୍ତର ପ୍ରଶାନ୍ତ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୩୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଲାୟନ୍ସ କ୍ଲବ ସଭାପତି ସତୀଶ ଦାସ, ଦେବବ୍ରତ ରଥ, ଅମୃତ ବାରିକ, ବାଳକୃଷ୍ଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଣେଶ ପୂଜା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

**ବରଗଡ଼ ଅଫିସ,୪।୯**

ବରଗ ବ୍ଲକ କଟାପାଲି ସାଂସ୍କୃତିକ କଳା ପରିଷଦ ଆନୁକୂଲ୍ୟରେ ଗଣେଶ ପୂଜା ପାଳନର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଶନିବାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକ, ଉପ ସଭାପତି ଭୁବନେଶ୍ୱର ପ୍ରଧାନ, ସାଧାରଣ ସମ୍ପାଦକ ଯାତ୍ରା ଅଭିନେତା ବାପି ପଣ୍ଡା ପ୍ରମୁଖ ଅତିଥି କଳାକାର ଭାବେ ଯୋଗ ଦେଇ ସଂଳାପ କରିଥିଲେ। ପରିଷଦ ସଭାପତି ଅଶ୍ୱିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁରଲୀଧର ସାହୁ ସଂଯୋଜନା କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପରିଷଦର ପ୍ରଥମ ସଭାପତି ପ୍ରଭାକର ପୃଷ୍ଟି, ସମ୍ପାଦକ ବାଙ୍କ ବିହାରି ସାହୁ, ସୁଦାମ ସାହୁ, ରାଜାରାମ ସାହୁ, ନିତ୍ୟାନନ୍ଦ ସାହୁ, ହରିଶ୍ଚନ୍ଦ୍ର ମାହାନା, ସୁଶୀଲ କୁମାର ମାହାଣା, ରୋହିତ ମହାଣା, ବିବସ୍ସ ସାହୁ, ଭାଗିରଥୀ ମହାଣା, ସଞ୍ଜୀବ କୁମାର ସାହୁ, ପିଣ୍ଟୁ ବାବୁ ଓ ବିଟୁ ବାବୁ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ଭିମ୍ ସ୍ୱୟଂ ସେବକ ସଂଘର ନୂଆଁଖାଇ ଭେଟ୍

**ବରଗଡ଼ ଅଫିସ, ୪।୯**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ରବିବାର ଭିମ୍ ସ୍ୱୟଂ ସେବକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସଂଘ ସଭାପତି ଆଡ଼ଭୋକେଟ ସୁରେନ୍ଦ୍ର କୁମାର ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସଭ୍ୟାଗଣ ନୂଆଁଖାଇ ପର୍ବର ଭାଇଚାରା, ସଂସ୍କୃତି ଉପରେ ଆଲୋଚନା କରିଥିଲେ। ସମସ୍ତେ ସମସ୍ତଙ୍କୁ ନୂଆଁଖାଇର ଜୁହାର ଏବଂ ଅଭିନନ୍ଦନ ଜଣାଇଥିଲେ। ଶେଷରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ ଅନୁଷ୍ଠିତ ହୋଇଥିଲା। ଅମୁଲ୍ୟ ଛତର, ନିତ୍ୟାନନ୍ଦ ମହାନନ୍ଦ, ଅର୍ଜୁନ ଅଗ୍ରୱାଲ, ନନ୍ଦକିଶୋର ଲିଛମାନିଆ, ଲକ୍ଷ୍ମୀକାନ୍ତ ସା, ଭୋଜରାଜ ମେହେର, କରନ ନାଗ, ନିରଞ୍ଜନ ବାଦୀ, ଚୂଡ଼ାମଣି କୁମ୍ଭାର, ଭୀଷ୍ମ ଭୋସାଗର, ଦୁର୍ଗା ସୁନା, ବାଞ୍ଛାନିଧି ଛତର, ସତ୍ୟ ନାଗ, ସଚିନ ତାଣ୍ଡି, ରାଧେଶ୍ୟାମ ଦୀପ, ସୁଶାନ୍ତ ସୁନା, ଦୟାସାଗର କୁମ୍ଭାର, ମନବୋଧ କୁମ୍ଭାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ଅଭିମନ୍ୟୁ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ।



ନୂଆଁଖାଇ ଭେଟ୍‌ରେ ଉପସ୍ଥିତ ସଂଘର ସଦସ୍ୟବୃନ୍ଦ।

## ବୀରମହାରାଜପୁରର ବିଭିନ୍ନ ସ୍ଥାନରେ ନୂଆଁଖାଇ ଭେଟ୍‌ଘାଟ

# ନାଚଗୀତରେ ଦୁଲୁକିଲା ମଞ୍ଚ

**ଅମରପାଲି,୪।୯(ଡି.ଏନ.ଏ)**

ନୂଆଁଖାଇ ସରିଛି। ମାତ୍ର ଏବେ ଭେଟ୍‌ଘାଟର ଆସର ଜମୁଛି। ନାଚ ଗୀତରେ ଦୁଲୁକୁଛି ଗାଁ ମଣ୍ଡପ। ସୁବର୍ଣ୍ଣପୁର ଜିଲା ବୀରମହାରଜପୁର ବ୍ଲକର ବିଭିନ୍ନ ସ୍ଥାନରେ ନୂଆଁଖାଇ ଭେଟ୍‌ଘାଟ ଜାକଜମକରେ ପାଳନ ହେଉଛି। ଦୁର୍ଜନତୋଲା ପଞ୍ଚାୟତର ଦାଦରପାଲି, ଉଫୁଲା ପଞ୍ଚାୟତର ଟାଙ୍ଗରସାହି ଓ ଗୌଡକେଲା, ବୀରମହାରଜପୁର ବରିଷ୍ଠ ନାଗରିକ ସଂଘରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି।

ଦାଦରପାଲି ଏକଲ ବିଦ୍ୟାଳୟ ଓ ଜିବିଏନ କ୍ଲବ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଭେଟ୍‌ଘାଟରେ ପୂର୍ବତନ ସରପଞ୍ଚ ରଞ୍ଜିତ ଖେତି, ଶିକ୍ଷକ ଦଶରଥ ପ୍ରଧାନ, ସ୍ୱେଚ୍ଛାସେବୀ ସୋମନାଥ ମହାକୁର, ଜଗଦୀଶ ମହାକୁର, ଗ୍ରାମ ପରିଚାଳନା କମିଟି ସଭାପତି ପବିତ୍ର ମୋହନ ପର୍ଡିଆ ଅତିଥିଭାବେ ଯୋଗଦେଇଥିଲେ। ସଭାରେ ନୂଆଁଖାଇର ମହନୀୟତା ଉପରେ ମତପ୍ରକାଶ ପାଇଥିଲା। ସଭାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗତ ମାଟ୍ରିକ ଓ +୨ ପରୀକ୍ଷାରେ ସର୍ବାଧିକ



ଦାଦରପାଲିରେ ଅନୁଷ୍ଠିତ ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥି ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

ନମ୍ବର ରଖିଥିବା ଗାଁର ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ବୀରମହାରାଜପୁର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଙ୍ଗଠନ ତରଫରୁ ଅନୁଷ୍ଠିତ ଭେଟ୍‌ଘାଟରେ ସଂଘର ସ୍ଥାୟୀ ସଭାପତି ଡ.ପ୍ରଫୁଲ୍ଲ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଢୀ ମୁଖ୍ୟ ଅତିଥି, ଗୋପୀନାଥ ମହାକୁର ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ସମ୍ପାଦକ ସନ୍ତୋଷ ଷଡଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଦିଲୀପ ତ୍ରିପାଠୀ,ବୈକୁଣ୍ଠ ଶତପଥୀ, ସୁଦାମ ସେଠୀ, ଧ୍ରୁବ ଚରଣ ଦାସ, ଯୁଗଳ କିଶୋର ମିଶ୍ର ନୂଆଁଖାଇ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ଭୂଷଣ ପାତ୍ର ସଭା ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଉଫୁଲା ପଞ୍ଚାୟତ ଟାଙ୍ଗରସାହି ଗଣେଶ ପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଭେଟ୍‌ଘାଟରେ କୃଷ୍ଣଚନ୍ଦ୍ର ମେହେର ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ନାରାୟଣ ଲୁହା, ସ୍ଥାନୀୟ ସରପଞ୍ଚ ଶ୍ରୀୟା କର୍ମୀ, ମୀନକେତନ ମହାକୁର, ସମିତି ସଭ୍ୟ ଶୈଳରଞ୍ଜନ ବାଦୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ପରେ ସଂକୀର୍ତ୍ତନ ବୈଠକୀ ହୋଇଥିଲା। ଅନୁରୂପଭାବେ ଗୌଡକେଲା ଗଣେଶ ପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଭେଟ୍‌ଘାଟରେ ୱାର୍ଡସଭ୍ୟ ସୁଦାମ ଜଗଦଲା ସଭାପତିତ୍ୱ କରିଥିଲେ। ଏଥିରେ ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ଶ୍ରୀୟା କର୍ମୀ ମୁଖ୍ୟ ଅତିଥି, ସ୍ୱେଚ୍ଛାସେବୀ ମୀନକେତନ ମହାକୁର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ।

